بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ

ବଦର

Weekly BADAR Qadian Odia

କାଦିଆନ

ସଂଖ୍ୟା: 43

ବାର୍ଷିକ ଦେୟ : 600/-

20 ରବିଉଲ୍ ଅୱଲ୍ 1446 ହି.କ, 24 ଇଖା 1403 ହି.ଶ, 24 Oct -2024 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

وَسَخَّرَ لَکُمُ الَّیۡلَ وَالنَّہَارَ وَالشَّمۡسَ وَالۡقَمَرَ ط وَالنُّجُوۡمُ مُسَخَّرٰتٌۢ بِاَمۡرِہٖ ؕ اِنَّ فِیۡ ذٰلِکَ لَاٰیٰتٍ لِّقَوۡمٍ یَّعۡقِلُوۡنَ ○

(ଅନ୍ ନହଲ୍ : 13)

ଅନୁବାଦ: ଏବଂ ସେ ରାତି ଓ ଦିନକୁ ତଥା ସୂର୍ଯ୍ୟ ଓ ଚନ୍ଦ୍ରକୁ ତୁ-ମମାନଙ୍କ ସେବାରେ ନିୟୋଜିତ କରିଛନ୍ତି ଏବଂ ତାହାଙ୍କ ଆଦେ-ଶାନୁସାରେ ଅନ୍ୟାନ୍ୟା ଗ୍ରହ ଓ ନକ୍ଷତ୍ରମାନେ ମଧ୍ୟ ତୁମମାନଙ୍କ ସେବାରେ ସେବାରତ ଅଛନ୍ତି । ଯେଉଁମାନେ ବୁଦ୍ଧିମତାର ସହ କାର୍ଯ୍ୟ କରୁଛନ୍ତି ସେମାନଙ୍କ ସକାଶେ ଏଥିରେ ବାସ୍ତବରେ ଅନେକ ନିଦର୍ଶନମାନ ରହିଅଛି ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ !** ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ କାମନା କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ଦାନକୁ କ୍ରୟ କରିବା ନିମନ୍ତେ ନିଷିଧାଦେଶ

(2623) ହ. ଉମର୍ ବିନ୍ ଖତ୍ତାବ୍ ର.ଅ ବର୍ଣ୍ଣନା କରନ୍ତି, ମୁଁ ଆରୋହଣ ନିମନ୍ତେ ଅଲ୍ଲାଃତାଲାଙ୍କ ମାର୍ଗରେ ଏକ ଅଶ୍ୱ ପ୍ରଦାନ କଲି । ତେବେ ଯେଉଁ ବ୍ୟକ୍ତି ପାଖରେ ଉକ୍ତ ଅଶ୍ୱଟି ରହିଥିଲା ସେ ସେହି ଅଶ୍ୱର ଅବସ୍ଥାକୁ ବହୁତ ଖରାପ କରିଦେଲା । ତେଣୁ ମୁଁ ଚାହିଁଲି ଯେ, ମୁଁ ସେହି ବ୍ୟକ୍ତି ଠାରୁ ଉକ୍ତ ଅଶ୍ୱଟିକୁ କ୍ରୟ (କିଣି) କରିନେବି । ମୁଁ ଭାବିଲି ଯେ, ସେହି ବ୍ୟକ୍ତି ଉକ୍ତ ଅଶ୍ୱକୁ ଶସ୍ତାରେ ବିକ୍ରି କରିଦେବ । ଅତଏବ୍ ଏଥି ସଂକ୍ରାନ୍ତରେ ମୁଁ ନବୀ କରୀମ୍ ସ.ଅଙ୍କୁ ଯେତବେଳେ ପଚାରିଲି ସେତେବେଳେ ଆପଣ ସ.ଅ କହିଲେ: "ହେ ଉମର୍ ! ସେହି ବ୍ୟକ୍ତି ଯଦି ତୁମକ ଉକ୍ତ ଅଶ୍ୱଟିକୁ ଏକ ଦିରହମ୍‌ରେ ବି ଦିଏ ତେବେ ମଧ୍ୟ ତୁମେ ସେହି ଅଶ୍ୱକୁ କ୍ରୟ କର ନାହିଁ । କାରଣ ଯେଉଁ ବସ୍ତୁକୁ ତୁମେ ସଦ୍‌କା (ଦାନ) କରିଦେଇଛି ଯଦି ତାହା ତୁମ ନିକଟକୁ ଫେରି ଆସେ ତେବେ ତାହା ବିଷ୍ଠାଭୁକ୍ (କୁକୁର)ର ବାନ୍ତି ପରି ଅଟେ । ଅର୍ଥାତ୍ କୁକୁର ଯେପରି ନିଜର ବାନ୍ତିକୁ ଚାଟିଥାଏ ଠିକ୍ ସେହିପରି ତୁମେ ଯଦି ନିଜର କୌଣସି ବସ୍ତୁକୁ ଦାନ କରିଦେଇଛ ତାହାକୁ ଅର୍ଥାତ୍ ସେହି ବସ୍ତୁକୁ ତୁମେ ଯଦି ପୁନଃ ଗ୍ରହଣ କର ତେବେ ତାହା କୁକୁରର ବାନ୍ତି ଚାଟିବା ସଦୃଶ ଅଟେ ।"

### ସାକ୍ଷ୍ୟ ଉପରେ (ଅନୁଯାୟୀ) ନିର୍ଣ୍ଣୟ ଦେବା

(2624) ହ. ଅବ୍‌ଦୁଲ୍ଲାଃ ବିନ୍ ଉବୈଦୁଲ୍ଲାଃ ବିନ୍ ଅବି ମଲିକା ବର୍ଣ୍ଣନା କରନ୍ତି ଯେ, ଇବ୍‌ନେ ଜଦ୍‌ଆନ୍‌ଙ୍କ ସ୍ୱାଧୀନପ୍ରାପ୍ତ ଦାସ ସୁହୈବ୍‌ଙ୍କ ପୁତ୍ରମାନେ 2ଟି ଶୟନ କକ୍ଷ ମଧ୍ୟରୁ ଗୋଟିଏ ଶୟନ କକ୍ଷ ଉପରେ ଦାବି କଲେ । ସୁହୈବ୍‌ଙ୍କ ପୁତ୍ରମାନେ ଏହି କାରଣରୁ ଉକ୍ତ ଶୟନ କକ୍ଷ ଉପରେ ଦାବି କଲେ ଯେ, ଉକ୍ତ ଶୟନ କକ୍ଷ ଦ୍ୱୟ ଆଁହଜରତ ସ.ଅ ସୁହୈବଙ୍କୁ ପ୍ରଦାନ କରିଥିଲେ । ଅତଏବ୍ ମୁର୍‌ୱାନ୍ ତାଙ୍କୁ ଡାକିଲେ ଏବଂ ସେ ଏହି ସାକ୍ଷ୍ୟ ପ୍ରଦାନ କଲେ, ନିଃସନ୍ଦେହ ରୂପେ ରସୁଲୁଲ୍ଲାଃ ସ.ଅ ସୁହୈବଙ୍କୁ ଦୁଇଟି ଶୟନ କକ୍ଷ ଏବଂ ଗୋଟିଏ କୋଠରୀ ପ୍ରଦାନ କରିଥିଲେ । ସୁତରାଂ ମୁର୍‌ୱାନ୍ ଅବ୍‌ଦୁଲ୍ଲାଃ ର.ଅଙ୍କ ସାକ୍ଷ୍ୟ ଅନୁଯାୟୀ ତାଙ୍କ ସପକ୍ଷରେ ନିର୍ଣ୍ଣୟ ଶୁଣାଇଦେଲେ ।

**(ସହିହୁଲ୍ ବୁଖାରୀ, ଭାଗ-4, ବାବ୍ଲି-ତାବୁଲ୍ ହିବା)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ଉକ୍ତ କଥାଟି ବଡ଼ ଆଶ୍ଚର୍ଯ୍ୟକର କଥା ଯେ, ନମାଜ ପାଠ ସମୟକୁ ତ' ସମୟର ଅପଚୟ ବୋଲି ମନେକରା ଯାଇଥାଏ । ଯହିଁରେ (ଅର୍ଥାତ୍ ନମାଜରେ) ଏତେ ଉପକାରିତା ଏବଂ ପୁଣ୍ୟ ରହିଛି । ଏହା ସତ୍ତ୍ୱେ ବି ଲୋକମାନେ ନମାଜ ପାଠ କରିବାକୁ ସମୟର ଅପଚୟ ବୋଲି କୁହନ୍ତି । ଏହାର ବିପରୀତ ଲୋକମାନେ ଯଦି ଦିନ ସାରା ଓ ଅହୋରାତ୍ର ବାଯ୍ୟ ଏବଂ ନିରର୍ଥକ କଥା କିମ୍ବା ଖେଳକୁଦ ଓ ତାମସାରେ ନିଜର ସମୟକୁ ନଷ୍ଟ କରିଦୁିଅନ୍ତୁ ପଛେ ତେବେ ସେମାନେ ଏହାର ନାମ କାର୍ଯ୍ୟ ବ୍ୟସ୍ତତା ବୋଲି ଦେଇଥାଆନ୍ତି ।**

ନମାଜ ପାଠ କରିବା ଏବଂ ୱଜୁ କରିବା ଦ୍ୱାରା ସ୍ୱାସ୍ଥ୍ୟ ସଂପର୍କିତ ଅନେକ ଲାଭ ମଧ୍ୟ ପ୍ରାପ୍ତ ହୋଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୁହନ୍ତି ଯେ, ଯଦି କୌଣସି ବ୍ୟକ୍ତି ପ୍ରତ୍ୟେକ ଦିନ ନିଜର ମୁଖମଣ୍ଡଳ ନଧୁଏ ତେବେ ଆଖି ମଳୀନ ହୋଇଯାଇଥାଏ । ଫଳତଃ ଚକ୍ଷୁରୁ ଲୁହ ବହିବା ଆରମ୍ଭ ହୋଇଯାଏ । ମୁଖମଣ୍ଡଳ ଏବଂ ଚକ୍ଷୁକୁ ଜଳ ଦ୍ୱାରା ନଧୋଇଲେ ଅନେକ ରୋଗ ମଧ୍ୟ ସୃଷ୍ଟି ହୋଇଥାଏ । ତାହାହେଲେ କୁହ ଯେ, ୱଜୁ କରିବା ସମୟରେ ମୃତ୍ୟୁ କାହିଁକି ଆସିଥାଏ ? ପ୍ରକାଶ୍ୟ ରୂପେ ଦେଖିବାକୁ ଗଲେ ଉକ୍ତ ପ୍ରସଙ୍ଗଟି ଅତ୍ୟନ୍ତ ଉତ୍କୃଷ୍ଟ ପ୍ରସଙ୍ଗ ଅଟେ । ତୁଣ୍ଡରେ ଜଳ ନେଇ କୁଳି କରିବାକୁ ପଡ଼ିଥାଏ, ଦାନ୍ତ ଘଷିବା ଦ୍ୱାରା ପାଟିର ଦୁର୍ଗନ୍ଧ ଦୂର ହୋଇଥାଏ । ଦାନ୍ତ ଓ ଦାନ୍ତମାଢ଼ି ସକ୍ତ ହୋଇଥାଏ । ଦାନ୍ତ ସକ୍ତ ହେବା ଦ୍ୱାରା ଖାଦ୍ୟ ଭଲ ଭାବରେ ଚୋବେଇ ହୋଇଥାଏ ଏବଂ ଚୋବେଇ ଖାଇବା ଦ୍ୱାରା ଖାଦ୍ୟ ଶୀଘ୍ର ହଜମ ମଧ୍ୟ ହୋଇଥାଏ । ପୁନଶ୍ଚ ନାସା ଅର୍ଥାତ୍ ନାକ ସଫା କରିବାକୁ ପଡ଼ିଥାଏ। ନାକରେ ଯଦି କୌଣସି ଦୁର୍ଗନ୍ଧ ବାୟୁ ଅବା ଜିନିଷ ପ୍ରବେଶ କରେ ତେବେ ତାହା ମସ୍ତିଷ୍କକୁ ଅସ୍ତବ୍ୟସ୍ତ ଏବଂ କ୍ଷିପ୍ତ ବିକ୍ଷିପ୍ତ କରି ପକାଇଥାଏ । ବର୍ତ୍ତମାନ କୁହ ଯେ, ତହିଁରେ (ୱଜୁରେ) କ'ଣ ସମସ୍ୟା ଏବଂ ଅସୁବିଧା ରହିଛି ? ଏତଦ୍‌ପେର ଅର୍ଥାତ୍ ୱଜୁ କରି ସାରିବା ପରେ ବ୍ୟକ୍ତି ଅଲ୍ଲାଃତାଲାଙ୍କ ସମକ୍ଷରେ ନିଜର ଆବଶ୍ୟକତାକୁ ନେଇ ଉପସ୍ଥିତ ହୋଇଥାଏ ଓ ଆବଶ୍ୟକତାକୁ ଉପସ୍ଥାପିତ ମଧ୍ୟ କରିଥାଏ । ସେହି ବ୍ୟକ୍ତିକୁ ନିଜର ଅଭିପ୍ରାୟ ଉପସ୍ଥାପିତ କରିବା ନିମନ୍ତେ ସୁଯୋଗ ପ୍ରାପ୍ତ ହୋଇଥାଏ । ଦୁଆ କରିବା ନିମନ୍ତେ ତା' ନିକଟରେ ସମୟ ହୋଇଥାଏ । ଯଦିଓ କେତେକ ନମାଜ ପାଠ ନିମନ୍ତେ 15 ମିନିଟରୁ କମ୍ ସମୟ ଲାଗିଥାଏ କିନ୍ତୁ ଅତି ବେଶୀରେ ନମାଜରେ ପ୍ରାୟ 1 ଘଣ୍ଟା ସମୟ ଲାଗିଯାଇଥାଏ । ପୁନଶ୍ଚ ଉକ୍ତ କଥାଟି ବଡ଼ ଆଶ୍ଚର୍ଯ୍ୟକର କଥା ଯେ, ନମାଜ ପାଠ ସମୟକୁ ତ' ସମୟର ଅପଚୟ ବୋଲି ମନେକରା ଯାଇଥାଏ । ଯହିଁରେ (ଅର୍ଥାତ୍ ନମାଜରେ) ଏତେ ଉପକାରିତା ଏବଂ କଲ୍ୟାଣ ଓ ପୁଣ୍ୟ ରହିଛି । ଏହା ସତ୍ତ୍ୱେ ବି ଲୋକମାନେ ନମାଜ ପାଠ କରିବାକୁ ସମୟର ଅପଚୟ ବୋଲି କୁହନ୍ତି। ଏହାରେ ବିପରୀତ ଲୋକମାନେ ଯଦି ଦିନ ସାରା ଓ ଅହୋରାତ୍ର ବାଯ୍ୟ, ନିରର୍ଥକ କଥା କିମ୍ବା ଖେଳ ଓ ତାମସାରେ ନିଜର ସମୟକୁ ନଷ୍ଟ କରି ଦିଅନ୍ତୁ ପଛେ ତେବେ ସେମାନେ ଏହାର ନାମ କାର୍ଯ୍ୟ ବ୍ୟସ୍ତତା ବୋଲି ଦେଇଥାଆନ୍ତି । ଯଦି ମନରେ ଦୃଢ ବିଶ୍ୱାସ ଥାଏ ଓ ଅନ୍ୟ ପଟରେ ଶକ୍ତି ଥାଏ ତେବେ ଏପରି ଅବସ୍ଥା କାହିଁକି ହୋଇଥାଏ ଓ ଏମିତି ଦଶା କାହିଁକି ହେଲା ?

ଏସବୁ ସତ୍ତ୍ୱେ ଅର୍ଥାତ୍ ବିଶ୍ୱାସର ସ୍ତର ଏତେ ତଳକୁ ଖସି ଯାଇଛି ଯେ, ଯଦି କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିର ଦୋଷ ଦୁର୍ବଳତା ସଂପର୍କରେ ତା'କୁ ଅବଗତ କରାଇ ତା'ର ତ୍ରୁଟି ସଂଶୋଧନ କରିବାକୁ ଚାହେଁ ଏବଂ ସେହି ବ୍ୟକ୍ତି ଏଭଳି ମାର୍ଗ ସଂପର୍କରେ କହିବ ଯାହା ଉପରେ ଅଗ୍ରସର ହୋଇ ମନୁଷ୍ୟ ଈଶ୍ୱରଙ୍କ ଠାରୁ ଏକ ଶକ୍ତି ଓ ସାହାସ ପ୍ରାପ୍ତ କିରଥାଏ । ଅତଏବ୍ ସତ୍‌ମାର୍ଗ ପ୍ରଦର୍ଶନ କରୁଥିବା ବ୍ୟକ୍ତି ଏବଂ ତ୍ରୁଟି ସଂଶୋଧନ କରୁଥିବା ବ୍ୟକ୍ତିକୁ ସାଂପ୍ରତିକ ସମୟରେ ଅବିଶ୍ୱାସକାରୀ ଓ ମାୟାବୀ ବୋଲି ବିବେଚିତ କରାଯାଏ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏହି ଲୋକମାନେ ଯଦି ବିଶ୍ୱାସର ପରିଣାମ ଓ ଫଳାଫଳ ଉପରେ ବିଶ୍ୱାସ ଆଣନ୍ତି ନାହିଁ ତେବେ ଅନ୍ତତଃ ଏମାନେ ବିଶ୍ୱାସକୁ ଅନିର୍ବାର୍ଯ୍ୟ ବୋଲି ମନେକରି ନିଅନ୍ତୁ । ଅନିର୍ବାର୍ଯ୍ୟ ଦ୍ୱାରା ମଧ୍ୟ ବଡ଼ ବଡ଼ ପରିଣାମ ଏବଂ ଫଳାଫଳ ପ୍ରକାଶ ପାଇଥାଏ । ଦେଖ ! ଉକଲିଦସ୍ (ୟୁକ୍ଲିଡ଼ଙ୍କ) (ଜ୍ୟାମିତିର ଜନକ) ସମସ୍ତ ଅନିର୍ବାର୍ଯ୍ୟ ବା ବାଧ୍ୟତାମୂଳକ କାର୍ଯ୍ୟ (ବିଶ୍ୱାସ) ଉପରେ ହିଁ ନିର୍ଭରଶୀଳ ତଥା ପର୍ଯ୍ୟବେସିତ ଥିଲା । ଏହି ଅନିର୍ବାର୍ଯ୍ୟ କାର୍ଯ୍ୟ (ଜ୍ୟାମିତିକ ଓ ସାଂଖ୍ୟିକ ରେଖା ଗଣନା) ଉପରେ କାର୍ଯ୍ୟାନୁସରଣ କରିବା ଦ୍ୱାରା

କେତେ ଯେ ଲାଭ ପ୍ରାପ୍ତ ହୋଇଥାଏ ! ବଡ଼ ବଡ଼ ବିଦ୍ୟା ବା ଜ୍ଞାନର ମୂଳଦୁଆ ପ୍ରଥମେ ଅନିର୍ବାର୍ଯ୍ୟ ସୂତ୍ର ଉପରେ ହିଁ ଆଧାରିତ । ଅତଃ ଯଦି ବିଶ୍ୱାସକୁ ବି ଅନିର୍ବାର୍ଯ୍ୟ ବୋଲି ମନେକରି ତାହାକୁ (ବିଶ୍ୱାସକୁ) ଅବଲମ୍ବନ କରିନିଆଯାଏ ତେବେ ମଧ ଏହି ବିଶ୍ୱାସ ରହିଛି ଯେ, ସେମାନେ (ବିରୋଧକାରୀମାନେ) କେବେ ବି ଶୂନ୍ୟହସ୍ତ ରହନ୍ତେ ନାହିଁ। କିନ୍ତୁ ଏଠାରେ ତ' ବର୍ତ୍ତମାନ ଏହି ଅବସ୍ଥା ହୋଇଯାଇଛି ଯେ, ସେମାନେ ପ୍ରାରମ୍ଭରୁ ହିଁ ବିଶ୍ୱାସ ଏବଂ ନମାଜକୁ ଏକ ଅର୍ଥହୀନ ବସ୍ତୁ ବୋଲି ମନେ କରୁଛନ୍ତି ।"

**(ମଲ୍‌ଫୁଜାତ୍, ଭାଗ-2, ପୃ-41, ସଂସ୍କରଣ ବର୍ଷ-2018 ମସିହା, କାଦିଆନ୍)**

☆--☆--☆

**ଏହି ସଂସାରରେ ଈଶ୍ୱରଙ୍କ ପକ୍ଷରୁ ଯେତେବେଳେ କୌଣସି ସଂପ୍ରଦାୟ ସ୍ଥାପନ କରାଯାଏ ସେତେବେଳେ ଏହିଭଳି ଦୁଷ୍ଟାତ୍ମାମାନେ ଯେଉଁମାନେ ସୈତାନ୍ ସହିତ ସଂପର୍କ ରଖନ୍ତି ସେମାନେ ଆବେଗ ପ୍ରବଣ ଓ ଉତ୍ସାହିତ ହୋଇଯାଆନ୍ତି ଏବଂ ସେମାନେ ନିଜର ସକଳ ଶକ୍ତି ତଥା ସାମର୍ଥ୍ୟତାକୁ ଉକ୍ତ କାର୍ଯ୍ୟ ନିମନ୍ତେ ବ୍ୟୟ କରି ଦିଅନ୍ତି ଯେ, ସଂସାରରେ କୌଣସି ମତେ ଉକ୍ତ ସତ୍ୟ ନ ବ୍ୟାପୁ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ହଜ୍‌ର ଆୟତ୍ ସଂଖ୍ୟା 53 ଓ ତା' ପରବର୍ତ୍ତୀ ଆୟତ୍‌ର ବ୍ୟାଖ୍ୟା କରି କୁହନ୍ତି: ଆଜି ପର୍ଯ୍ୟନ୍ତ ଏହି ମର୍ତ୍ତ୍ୟଧାମକୁ ଏପରି କୌଣସି ଅବତାର ବା ବାର୍ତ୍ତାବହ ଆସି ନାହିଁ ଯାହାର ପ୍ରତ୍ୟେକ ଅଭିପ୍ରାୟ, ପ୍ରତ୍ୟେକ ଉଦ୍ଦେଶ୍ୟ, ପ୍ରତ୍ୟେକ ଉତ୍କଣ୍ଠା ଓ ଅଭିଳାଷା ସମ୍ମୁଖରେ ସୈତାନ୍ ବାଧା ସୃଷ୍ଟି କରି ନଥିବ । କାରଣ ସୈତାନ୍ ଉକ୍ତ କଥାକୁ ଭଲ ଭାବରେ ଜାଣେ ଯେ, ଯଦି ଅବତାର ସଫଳ ହୋଇଗଲା ତେବେ ତା'ର ଠିକଣା ଆଉ କେଉଁଠି ହେବ ନାହିଁ । ଅର୍ଥାତ୍ ତା'ର ଆଉ କୌଣସି ସ୍ଥାନ ନାହିଁ । ଯେପରି ଜଣେ ବ୍ୟକ୍ତି ଯେକି ମୃତ୍ୟୁବରଣ କରୁଥାଏ ସେ ନିଜର ସକଳ ସାମର୍ଥ୍ୟକୁ ବିନିଯୋଗ କରିଥାଏ ଯେ, ସେ କୌଣସି ମତେ ସେ ଯମ ପଞ୍ଝାରୁ ବାହାରିଆସୁ । ଠିକ୍ ସେହିପରି ସୈତାନ୍ ଓ ତା'ର ସନ୍ତାନ ସନ୍ତତିମାନେ ଅବତାର ଏବଂ ଅବତାରଙ୍କ ସଂପ୍ରଦାୟ ବିରୁଦ୍ଧରେ ସକଳ ଶକ୍ତି ତଥା ସାମର୍ଥ୍ୟକୁ ବିନିଯୋଗ କରିଥାଏ । ଯେଉଁ ଲୋକମାନେ ମୃତ୍ୟୁବରଣ କରୁଥିବା ଲୋକମାନଙ୍କୁ ଦେଖିଛନ୍ତି ସେମାନେ ଜାଣନ୍ତି ଯେ, ଉକ୍ତ ଚେତାଶୂନ୍ୟ ଅବସ୍ଥାରେ ମଧ ଯହିଁରେ ସଂସାର ଓ ସଂସାରରେ ଥିବା ବସ୍ତୁ ସଂପର୍କରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିକୁ କୌଣସି ସୂଚନା ନଥାଏ । ସେତେବେଳେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିର ସମସ୍ତ ଶକ୍ତି ଅବକ୍ଷୟ ହୋଇଯାଇଥାଏ ଏବଂ ସମସ୍ତ ଶକ୍ତି ଓ ବଳ ବ୍ୟୟ ହୋଇଯାଇଥାଏ। ମୃତ୍ୟୁର କିଛି ମିନିଟ୍ ପୂର୍ବରୁ ମୃତ୍ୟୁବରଣ କରୁଥିବା ବ୍ୟକ୍ତି ଏଭଳି ବଳ ପ୍ରୟୋଗ କରିଥାଏ ଯେପରିକି ସେ ଏହି ମର୍ତ୍ତ୍ୟ ଧାମକୁ ପୁନଃ ଆସିବାକୁ ଇଚ୍ଛା ପ୍ରକାଶ କରିଥାଏ । ଉକ୍ତ ବ୍ୟକ୍ତିର ସମସ୍ତ ଶରୀର ଦୋହୋଲି ଯାଇଥାଏ। ବେକ ସଳଖ ହୋଇଯାଇଥାଏ । ସେ ନିଜର ସକଳ ଶକ୍ତିର ଶେଷ କଣିକା ପର୍ଯ୍ୟନ୍ତ ଏଥି ନିମନ୍ତେ ବ୍ୟୟ କରିଦେଇଥାଏ ଯେ, ସେ ଯେପରି ବଞ୍ଚିଯାଉ । ଚେତାଶୂନ୍ୟ ଅବସ୍ଥାରେ ମନୁଷ୍ୟର ଏତାଦୃଶ ଅବସ୍ଥା ହୋଇଥାଏ ଏବଂ ବ୍ୟକ୍ତିର ସମସ୍ତ ଶକ୍ତି ସମାପ୍ତ ହୋଇଯାଇଥାଏ। ଯେଉଁ ବ୍ୟକ୍ତି ଶୁଷ୍କ ହୋଇ କଣ୍ଟା ହୋଇଯାଇଥାଏ ପୁନଶ୍ଚ ତା'ର କ'ଣ ଅବସ୍ଥା ହୋଇ ନଥିବ ? ସେ ଚେତାଶୂନ୍ୟ ହୋଇ ନଥିବ ଏବଂ ଯାହାର ଶକ୍ତି ବ୍ୟୟ ହୋଇ ନଥିବ । ଏକ ଛୋଟିଆ ବାଳକଟିକୁ ନେଇ ମିଛରେ କୂପ ମଧ୍ୟକୁ ଠେଲିଦେଇ ତା'କୁ ଡରାଇ ଦିଅ। ଦେଖ ସେ କିପରି ଭୟଭୀତ ହୋଇ ତୁମକୁ ଜୋରର କୁଣ୍ଢାଇ ପକାଇବ। ଏବଂ ସାଧାରଣ ଶକ୍ତିଠାରୁ ଆଠ ଦଶ ଗୁଣା ଅଧିକ ଶକ୍ତି ସେହି ଛୋଟ ପିଲା ମଧ୍ୟରେ ସୃଷ୍ଟି ହୋଇଯିବ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ଆଉ ଏକ ଉଦାହରଣ ଦେଇ କୁହନ୍ତି: "ଏମିତି ଏକ ବ୍ୟକ୍ତି ଯାହାକୁ ମଲ୍ଲଯୁଦ୍ଧରେ (କୁସ୍ତି)ରେ ଜଣେ ମଲ୍ଲ (ପହିଲମାନ) ମୁହୂର୍ତ୍ତକ ମଧ୍ୟରେ ତଳେ ପକାଇ ପରାଜିତ କରିଦେବ । ସେହି ବ୍ୟକ୍ତି ସଂପର୍କରେ ପହିଲମାନକୁ ଯାଇ କୁହ କି ତା'କୁ (ଅର୍ଥାତ୍ ସେହି ବ୍ୟକ୍ତିକ) କୂପ ମଧ୍ୟରେ ପକାଇ ଦେଖୁ । ତେବେ ଏକ ମିନିଟ୍ କ'ଣ ଏକ ଘଣ୍ଟାରେ ମଧ ପହିଲମାନ ସେହି ବ୍ୟକ୍ତିକୁ କୂପ ମଧ୍ୟରେ ପକାଇ ପାରିବ ନାହିଁ। କାରଣ ସେହି ବ୍ୟକ୍ତି ଅର୍ଥାତ୍ ମଲ୍ଲ ସହିତ କୁସ୍ତି ଲଢୁଥିବା ବ୍ୟକ୍ତି ଏହା ମନେକରେ ଯେ, ମୁଁ ପହିଲମାନ ସହିତ ପ୍ରତିଦ୍ୱନ୍ଦୀତା କରିବା ଓ ଲଢିବି। ଲଢୁ ଲଢୁ ଯଦି ତଳେ ବି ପଡ଼ିଯାଏ ତେବେ କିଛି କଥା ନାହିଁ । କିନ୍ତୁ ସେହି ବ୍ୟକ୍ତି ଯେତେବେଳେ ଏହା ମନେକରେ ଯେ, ମୋତେ ଯମ ନେବାକୁ ଆସିଲାଣି ସେତେବେଳେ ସେ ନିଜର ସକଳ ଶକ୍ତିକୁ ବିନିଯୋଗ କରିଦେବ ଓ ଏତେ ବଳ ପ୍ରୟୋଗ କରିବ ଯେ, ସେ ସଂପୂର୍ଣ୍ଣ ରୂପେ ଶକ୍ତିଶାଳୀ ହୋଇଯିବ । ଅନ୍ୟଥା ତା' (ଶକ୍ତିଶାଳୀ ବ୍ୟକ୍ତି ପାଖାପାଖି) ନିକଟବର୍ତ୍ତି ହୋଇଯିବ ଏହି ସଂସାରରେ ଈଶ୍ୱରଙ୍କ ପକ୍ଷରୁ ଯେତେବେଳେ କୌଣସି ସଂପ୍ରଦାୟ ସ୍ଥାପନ କରାଯାଏ ସେତେବେଳେ ଏହିଭଳି ଦୁଷ୍ଟାତ୍ମାମାନେ ଯେଉଁମାନେ ସୈତାନ୍ ସହିତ ସଂପର୍କ ରଖନ୍ତି କିମ୍ବା ସେହି ଦୁଷ୍ଟାତ୍ମାମାନେ ପାପ ଯୋଗୁଁ ସୈତାନ୍ ସେମାନଙ୍କ ଉପରେ ଆଧିପତିତ୍ୱତା ବିସ୍ତାର କରିଥାଏ । ସେମାନେ ଆବେଗ ପ୍ରବଣ ଓ ଉତ୍ସାହିତ ହୋଇଯାଆନ୍ତି ନିଜର ସକଳ ଶକ୍ତିକୁ ଉକ୍ତ ପ୍ରସଙ୍ଗ ନିମନ୍ତେ ବ୍ୟୟ କରି ଦିଅନ୍ତି ଯେ, ସଂସାରରେ କୌଣସି ମତେ ଉକ୍ତ ସତ୍ୟ ପ୍ରସାରିତ ନହେଉ ବା ନ ବ୍ୟାପୁ । ଏହି ଲୋକମାନେ ଯେଉଁମାନେ ଐଶୀ ସଂପ୍ରଦାୟମାନଙ୍କ ବିପକ୍ଷରେ ଛିଡ଼ା ହୋଇଥାଆନ୍ତି ଯେ, ସେମାନେ ଉକ୍ତ ସଂପ୍ରଦାୟରେ ନାମ ଦୃଷ୍ଟିରୁ ସାମିଲ୍ ହୋଇଥାଆନ୍ତି। ଯେପରି ଅବ୍‌ଦୁଲ୍ଲାଃ ବିନ୍ ଉବେି ଇବ୍‌ନେ ସୁଲୁଲ୍ ଓ ତା' ସହିତ ସଂପର୍କ ରଖିଥିବା ବ୍ୟକ୍ତିମାନେ ମଧ ଏପରି ହୋଇଥାଆନ୍ତି ଯେ, ସେମାନେ ସଂପ୍ରଦାୟର ନାମ ସହିତ ନିଜକୁ ସମ୍ବନ୍ଧିତ କରିଥାଆନ୍ତି । କିନ୍ତୁ ସେମାନେ ସଂପ୍ରଦାୟର ବ୍ୟବସ୍ଥାପିକା ଆଡ଼କୁ ସଂଶ୍ଳୀଷ୍ଟ ଓ ଇଙ୍ଗିତ ହୁଅନ୍ତି ନାହିଁ। ଯେପରି ହ. ଅଲୀ ର.ଅଙ୍କ କାଳରେ ଖୱାରିଜ୍‌ମାନେ (ମୁସଲମାନମାନଙ୍କର ଏକ ସଂପ୍ରଦାୟ ଯିଏ ହ. ଅଲୀ ର.ଅଙ୍କୁ ସ୍ୱୀକାର କରେ ନାହିଁ) ଥିଲେ । ସେହିପରି ଆଉ କେତେବେଳେ ଏପରି ଲୋକମାନେ ମଧ ଥାଆନ୍ତି ଯେଉଁମାନେ ନା ନାମ ସହିତ ସମ୍ବନ୍ଧିତ ଓ ଇଙ୍ଗିତ ହୁଅନ୍ତି ଓ ନା ହିଁ ସେମାନେ ବ୍ୟବସ୍ଥା ସହିତ ସଂପର୍କ ରଖନ୍ତି । ଯେପରି ମକ୍କାର ଅବିଶ୍ୱାସକାରୀମାନେ, ଇହୁଦୀମାନେ ଏବଂ ଖ୍ରୀଷ୍ଟିଆନ୍‌ମାନେ । ଏହି ସମସ୍ତ ଧର୍ମାବଲମ୍ବୀମାନେ ମିଶି ସେହି ଅଭିପ୍ରାୟରେ ବାଧା ସାଜି ଥାଆନ୍ତି ଯେଉଁ ଅଭିପ୍ରାୟକୁ ଚରିତାର୍ଥ ଏବଂ ସାକାର କରିବା ନିମନ୍ତେ ଅଲ୍ଲାଃତାଲାଙ୍କର ଅବତରମାନେ ମର୍ତ୍ତ୍ୟଧାମରେ ବା ସଂସାରରେ ଅବତୀର୍ଣ୍ଣ ହୋଇଥାଆନ୍ତି । ଏହି ଅବତାରମାନଙ୍କ ମାର୍ଗରେ ପାପୀ ଓ ଅବିଶ୍ୱାସକାରୀମାନେ ପ୍ରତ୍ୟେକ ପ୍ରକାରର ବାଧା ସୃଷ୍ଟି କରିଦେଇଥାଆନ୍ତି । କିନ୍ତୁ ଅଲ୍ଲାଃତାଲା ନିଜର ନିଦର୍ଶନ ମାଧ୍ୟମରେ ନିଜର ଅବତାରମାନଙ୍କୁ ସାହାଯ୍ୟ କରିଥାଆନ୍ତି ଓ ସୈତାନକୁ ତା'ର ଉଦ୍ଦେଶ୍ୟ ଏବଂ ଯୋଜନାରେ ଅକୃତକାର୍ଯ୍ୟ କରିଦେଇ ଥାଆନ୍ତି । ପ୍ରକୃତ ପ୍ରସଙ୍ଗ ଏହିକି ଯେ, ଯେଭଳି ଶିକାରୀ କୁକୁରମାନଙ୍କୁ ଯଦି କୌଣସି ଚୋର ବ୍ୟକ୍ତିର କପଡ଼ା ସୁଂଘାଇ (ଆଘ୍ରାଣିତ କରି) ଛାଡ଼ି ଦିଆଯାଏ ତେବେ କୁକୁର 10, 20 ମାଇଲ୍ ନୁହେଁ ବରଂ 100 ମାଇଲ୍ ପର୍ଯ୍ୟନ୍ତ ଅପରାଧୀ ଚୋର ପଛରେ ଯାଇ ଚୋରକୁ ଧରି ପକାଇଥାଏ । ଠିକ୍ ସେହିପରି ସୈତାନ୍ ମଧ ପବିତ୍ରତାର ବାସ୍ନାକୁ ଘୃଣା କରେ ଏବଂ ପବିତ୍ରତା ସହିତ ତା'ର ଶତ୍ରୁତା ରହିଛି । ଯେଉଁ ବ୍ୟକ୍ତି ମଧ୍ୟରେ ପବିତ୍ରତାର ବାସ୍ନା ଆସେ ସୈତାନ୍ ସେହି ବ୍ୟକ୍ତି ଉପରେ ପାଗଳଙ୍କ ପରି ଆକ୍ରମଣ କରିଥାଏ ଏବଂ ସେ ଏହି ଉଦ୍ୟମ କିରଥାଏ ଯେ, ସେ ସେହି ପବିତ୍ର ବ୍ୟକ୍ତିକୁ ବିଦୀର୍ଣ୍ଣ କରିଦେବ (ଅର୍ଥାତ୍ ଚିରିଦେବ) । ହ. ଆଦମ୍ ଅ.ସଙ୍କୁ **(ଅବଶିଷ୍ଟାଂଶ.........ପୃ-9ରେ)**

## ଜୈଲି ତନ୍‌ଜିମାତ (ଜମାଅତ୍ ଅଧୀନସ୍ଥ ବିଭିନ୍ନ ଗୋଷ୍ଠୀଙ୍କ)ର ସାଲାନ (ବାର୍ଷିକ) ଇଜ୍‌ତିମା (ସମ୍ମିଳନୀ) 2024

ସୟେଦିନା ହୁଜୁରେ ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ଜମାଅତ୍ ଅଧୀନସ୍ଥ ଗୋଷ୍ଠୀ ଯଥା ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦିୟା, ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଓ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃଙ୍କ ବାର୍ଷିକ ଇଜ୍‌ତିମା ନିମନ୍ତେ ତା- 25, 26, 27 ଅକ୍ଟୋବର 2024 ମସିହା (ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର କୃପାବତ୍ସଳ ଭାବରେ ମଞ୍ଜୁର କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦ ଏଥି ମୁତାବକ ଦୁଆର ସହିତ ଉକ୍ତ ଇଜ୍‌ତିମାରେ ସାମିଲ୍ ହେବା ପାଇଁ ଯଥାସମ୍ଭବ ଉଦ୍ୟମ କରନ୍ତୁ । **ଆମିନ୍ । (ସଦର୍ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦିୟା ଭାରତ)**

## 129ତମ ଜଲ୍‌ସା ସାଲାନା କାଦିୟାନ୍, ତା-27, 28, 29 ଡିସେମ୍ବର, 2024 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 129 ତମ ଜଲ୍‌ସା ସାଲାନା କାଦିୟାନ୍ 2024 ମସିହା ନିମନ୍ତେ ତା-27, 28, 29 ଡିସେମ୍ବର 2024 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଧାର୍ଯ୍ୟ) କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀ ଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ୱ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

# (ଖୁତ୍‌ବା ଜୁମା)

ନବୀ କରୀମ୍ ସ.ଅ କହିଲେ: " أَبْشِرُوْا يَامَعْشَرَ الْمُؤْمِنِيْنَ بِنَصْرِ اللّٰهِ تَعَالٰى وَعَوْنِهٖ । ଅର୍ଥାତ୍ ହେ ବିଶ୍ୱାସକାରୀମାନଙ୍କ ଦଳ ! ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସମର୍ଥନର ସହକାରେ ଆନନ୍ଦିତ ହୋଇଯାଅ ..... ମୁଁ ଏହି ବିଶ୍ୱାସ ରଖୁଛି ଯେ, ବେଳ ଆସିବ ଯେତେବେଳେ ମୁଁ ଖାନା କାଆବାର ପରିକ୍ରମା କରୁଥିବି ଓ ଖାନା କାଆବର ଦ୍ୱାରର କୁଞ୍ଜିକା (ଚାବି) ମୋ ହସ୍ତରେ ହେବ । କିସ୍ରା ଏବଂ କୈସର୍ ବିନାଶ ହୋଇଯିବେ । ସେମାନଙ୍କର ଧନ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରାଯିବ ।"

ହୁଜୁର ଅନୱର୍ ଅ.ବ କହିଲେ, ବେଳେବେଳେ ଆମମାନଙ୍କର ଯୁବକମାନେ ମଧ୍ୟ ଅଣଧର୍ମାବଲମ୍ବୀମାନଙ୍କର କଥା ଶୁଣି ପ୍ରଶ୍ନ କରି ଦିଅନ୍ତି ଯେ, ହୁଜୁର ! ବନୁ କୁରୈଜା ଉପରେ ସେତେବେଳେ ଏହି ଅତ୍ୟାଚାର କାହିଁକି କରାଗଲା ? ପ୍ରତ୍ୟୁତ୍ତରରେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେମାନେ ଚୁକ୍ତି ଭଙ୍ଗ କିରଥିଲେ ଅତଃ ସେମାନଙ୍କୁ ଦଣ୍ଡିତ କରାଯାଇଥିଲା । ବନୁ କୁରୈଜା ଉପରେ ଆଁହଜରତ ସ.ଅଙ୍କ ପକ୍ଷରୁ କରାଯାଇଥିବା କାର୍ଯ୍ୟାନୁଷ୍ଠାନ କୌଣସି ଅନ୍ୟାୟ ନଥିଲା ।

ଅହ୍‌ଜାବ୍ ଯୁଦ୍ଧ ସମୟରେ ଖାଦ୍ୟରେ ଅଜସ୍ର କଲ୍ୟାଣ ହେବାର ଘଟଣା, ଖନ୍ଦକ୍ (ଗର୍ତ୍ତ) ଖନନ ସମୟରେ କପଟବିଶ୍ୱାସୀ ଏବଂ ବିଶ୍ୱାସକାରୀଙ୍କ ଅବସ୍ଥା, ଆଁହଜରତ ସ.ଅଙ୍କ ଯୁଦ୍ଧ ପ୍ରସ୍ତୁତି, ମୁସଲମାନମାନଙ୍କର ସଂଖ୍ୟା, ଅବିଶ୍ୱାସକାରୀମାନଙ୍କର ମଦିନା ପହଞ୍ଚିବା ଏବଂ ଏତଦ୍‌ପରରର ପରିସ୍ଥିତି ତଥା ବନୁ କୁରୈଜା ସଂପ୍ରଦାୟ ପକ୍ଷରୁ ପ୍ରଦର୍ଶନ କରାଯାଇଥିବା ବିଶ୍ୱାସଘାତର ବର୍ଣ୍ଣନା ।

ଆଜି ଠାରୁ ଖୁଦ୍ଦାମୁଲ୍ ଅହେମଦିୟା (ଅହେମଦିୟା ଯୁବ ଗୋଷ୍ଠୀ)ର ବାର୍ଷିକ ଇଜ୍‌ତିମା ମଧ୍ୟ ଆରମ୍ଭ ହେଉଛି......ଏହି ଦିନମାନଙ୍କରେ ଖୁଦ୍ଦାମ୍‌ମାନେ ନିଜର ଆଧ୍ୟାତ୍ମିକ ଏବଂ ଶୈକ୍ଷିକ ସ୍ତରକୁ ବୃଦ୍ଧି କରିବା ନିମନ୍ତେ ଉଦ୍ୟମ କରନ୍ତୁ । ମୁଁ ଆପଣମାନଙ୍କୁ ଯେଉଁ ଦୁଆ ଓ ଦୁରୁଦ୍ ପାଠ କରିବା ପ୍ରତି ଧ୍ୟାନ ଆକର୍ଷଣ କରିଥିଲି ଓ ଆପଣମାନଙ୍କୁ ଏଥି ନିମନ୍ତେ ଆହ୍ୱାନ ଜଣାଇଥିଲି ଯେ, ଆପଣମାନେ ଏହି ଦିନମାନଙ୍କରେ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ ଓ ସର୍ବଦା ଦୁରୁଦ୍ ଶରୀଫ୍ ତଥା ଆହ୍ୱାନ ଦେଇଥିବା ଦୁଆ ପୁନରାବୃତ୍ତି କରୁ ଥାଆନ୍ତୁ । ଅଲ୍ଲଃତାଲା ପ୍ରତ୍ୟେକ ପ୍ରକାରର ସୈତାନୀୟ ଆକ୍ରମଣରୁ ପ୍ରତ୍ୟେକ ଖୁଦ୍ଦାମ୍‌ଙ୍କୁ ସୁରକ୍ଷିତ ରଖନ୍ତୁ ।

ସମ୍ମାନନୀୟ ରବୱରା ସ୍ୱର୍ଗତ ହବିବୁର୍ ରହେମାନ ଜୈର୍‌ୱୀ ସାହେବ, ସମ୍ମାନନୀୟ ସ୍ୱର୍ଗତ ଡାକ୍ତର ସୟେଦ୍ ରିୟାଜୁଲ୍ ହସନ୍ ସାହେବ, ରବ୍‌ୱାର ସମ୍ମାନନୀୟ ସ୍ୱର୍ଗତ ପ୍ରଫେସର ଅବ୍‌ଦୁଲ୍ ଜଲିଲ ସାଦିକ୍ ସାହେବ ଓ ସମ୍ମାନନୀୟ ମାଷ୍ଟର ମୁନୀର୍ ଅହେମଦ ସାହେବ ଝଙ୍ଗ୍‌ଙ୍କ ଉତ୍ତମ ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 20 SEPTEMBER 2024 ମସିହା ଅନୁଯାୟୀ ୨୦/ ତୁବୁକ୍ ୧୪୦୩ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَ اِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଅହ୍‌ଜାବ୍ ଯୁଦ୍ଧ ସଂପର୍କରେ ବିଗତ ଖୁତ୍‌ବାରେ ଚର୍ଚ୍ଚା ଚାଲିଥିଲା । ବିଗତ ଖୁତ୍‌ବାରେ ମୁଁ ଖାଦ୍ୟରେ ଅଜସ୍ର କଲ୍ୟାଣ ହେବାର ଚମତ୍କାର ସଂକ୍ରାନ୍ତରେ ବର୍ଣ୍ଣନା କରିଥିଲି । ସେହିପରି ଖଜୁରୀ କୋଳିରେ କଲ୍ୟାଣ ଅବତୀର୍ଣ୍ଣ ହେବାର ଚମତ୍କାରପୂର୍ଣ୍ଣ ଘଟଣାର ଉଲ୍ଲେଖ ମଧ୍ୟ ମିଳେ । ତତ୍‌ସଂକ୍ରାନ୍ତେ ଉଲ୍ଲେଖ ରହିଛି ଯେ, ସ୍ୱଳ୍ପ ଖଜୁରୀ ଖନ୍ଦକ୍ (ଗର୍ତ୍ତ) ଖନନ (ଖୋଳୁଥିବା) କରୁଥିବା ସାହାବାମାନେ ସେବନ କରିଥିଲେ । ଉକ୍ତ ଘଟଣାର ବିସ୍ତୃତ ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି ଯେ, ଖନ୍ଦକ୍ ଯୁଦ୍ଧ ଅବସରରେ ଏକ ବର୍ଣ୍ଣନା ରହିଛି । ହ. ବଶୀର୍ ବିନ୍ ସାଆଦ୍ ର.ଅଙ୍କ ସୁପୁତ୍ରୀ ବର୍ଣ୍ଣନା କରନ୍ତି ଯେ, ମୋ ମାତାଶ୍ରୀ ଅମ୍ରାହ୍ ବିନ୍‌ତ୍ ରୱାହା ମୋ ବସ୍ତ୍ରରେ ଟିକିଏ ଖଜୁରୀ କୋଳି ଦେଇ କହିଲେ, ହେ ମୋ ପୁତ୍ରୀ ! ଏହି ଖଜୁରୀ କୋଳି ନିଜର ପିତାଶ୍ରୀ ଏବଂ ମାମୁଁଙ୍କୁ ଯାଇ ଦେଇ ଆସ । ସେମାନଙ୍କୁ କହିବ ଯେ, ଏହା ତାଙ୍କର ସକାଶ ଜଳଖିଆ ଅଟେ । ବଶୀର୍ ବିନ୍ ସାଆଦ୍‌ଙ୍କ ସୁପୁତ୍ରୀ କୁହନ୍ତି: "ମୁଁ ସେହି ଖଜୁରୀ କୋଳି ନେଇ ନିଜର ପିତାଶ୍ରୀ ଏବଂ ମାମୁଁଙ୍କୁ ଖୋଜି ଖୋଜି ରସୁଲୁଲ୍ଲାଃ ସ.ଅଙ୍କ ପାଖ ଦେଇ ଯେତବେଳେ ଅତିକ୍ରମ କଲି ସେତେବେଳେ ରସୁଲୁଲ୍ଲାଃ ସ.ଅ କହିଲେ, ହେ ପୁତ୍ରୀ (ହେ ଝିଅ) ! ତୁମ ପାଖରେ ଏଇ ଜିନିଷଟି କ'ଣ ଅଛି ? ମୁଁ ଉତ୍ତର ଦେଲି: ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏଇଟା ଖଜୁରୀ କୋଳି ପରା । ମୋ ମା ପିତାଶ୍ରୀ ବଶୀର୍ ବିନ୍ ସାଆଦ୍ ଏବଂ ମୋ ମାମୁଁ ଅବ୍‌ଦୁଲ୍ଲାଃ ବିନ୍ ରୱାହାଙ୍କ ନିମନ୍ତେ ପ୍ରେରଣ କରିଛନ୍ତି । ରସୁଲୁଲ୍ଲାଃ ସ.ଅ କହିଲେ, ଆଣ ମୋତେ ଦେଇ ଦିଅ । ସୁତରାଂ ମୁଁ ସେହି ଖଜୁରୀ କୋଳି ଆପଣ ସ.ଅଙ୍କ ଦୁଇ ହସ୍ତର ପାପୁଲିରେ ରଖିଦେଲି । ଆଁହଜରତ ସ.ଅ ସେହି ଖଜୁରୀ କୋଳିକୁ ଏକ କପଡ଼ାରେ ପକାଇ ପୁନଶ୍ଚ ତା'କୁ ଏକ କପଡ଼ାରେ ଘୋଡ଼ାଇ ଦେଲେ । ଆପଣ ସ.ଅ ଜଣେ ବ୍ୟକ୍ତିକୁ କହିଲେ, ହେ ଅମକ ବ୍ୟକ୍ତି ! ଲୋକମାନଙ୍କୁ ଖାଇବା ନିମନ୍ତେ ଡାକ । ସୁତରାଂ ସମସ୍ତ ଗର୍ତ୍ତ ଖନନକାରୀମାନେ ଏକତ୍ରିତ ହୋଇଗଲେ ଏବଂ ଖଜୁରୀ କୋଳି ଖାଇବାକୁ ଲାଗିଲେ । ସେହି ଖଜୁରୀ କୋଳି ଅଧିକ ହୋଇ ଚାଲିଲା । ଏପର୍ଯ୍ୟନ୍ତକି ସମସ୍ତ ଲୋକମାନେ ଖଜୁରୀ କୋଳି ଖାଇ ସାରିବା ପରେ ମଧ୍ୟ କପଡ଼ାରୁ ଖଜୁରୀ କୋଳି ତଳେ ପଡୁଥିଲା ।"**(ସିରତ୍ ଇବନେ ହିଶ୍ଶାମ୍, ଭାଗ-2, ପୃ-623-624, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ଖାଦ୍ୟରେ କଲ୍ୟାଣ ସୃଷ୍ଟି ହେବାର ଅତିରିକ୍ତ ଘଟଣାବଳୀ ମଧ୍ୟ ରହିଛି । ଉବୈଦୁଲ୍ଲାଃ ବିନ୍ ଅବି ବୁର୍ଦାହା ର.ଅ ବର୍ଣ୍ଣନା କରନ୍ତି ଯେ, ଉମ୍ମେ ଆମିର୍ ଅଶ୍‌ହଲିୟାହ୍ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଏକ ପାତ୍ର ପ୍ରେରଣ କଲେ । ସେହି ପାତ୍ରରେ ହୈସ୍ ଥିଲା । ହୈସ୍ ହେଉଛି ଏଭଳି ଏକ ଖାଦ୍ୟ ଯାହା ଖଜୁରୀ, ଘିଅ ଏବଂ ପନୀର ଦ୍ୱାରା ପ୍ରସ୍ତୁତ ହୋଇଥାଏ । ଆପଣ ସ.ଅ ନିଜର ଶିବିର ମଧ୍ୟରେ ହ. ସଲ୍‌ମା ର.ଅଙ୍କ ନିକଟରେ ଥିଲେ । ହ. ଉମ୍ମେ ସଲମା ନିଜର ଆବଶ୍ୟକତା ଅନୁଯାୟୀ ତହିଁରୁ ଖାଦ୍ୟ ଖାଇଲେ। ପୁନଶ୍ଚ ରସୁଲ୍ଲାଃ ସ.ଅ ସେହି ପାତ୍ରକୁ ନେଇ ବାହାରକୁ ଆସିଲେ ଏବଂ ରସୁଲୁଲ୍ଲାଃ ସ.ଅ ଖାଦ୍ୟ ଖାଇବା ନିମନ୍ତେ ଯେତେବେଳେ ସାହାବାମାନଙ୍କୁ ଡାକ ମାରିଲେ, ସେତେବେଳେ ଖନ୍ଦକ୍‌ବାସୀମାନେ ଉକ୍ତ ଆହାରକୁ ସେବନ କଲେ । ଏପର୍ଯ୍ୟନ୍ତକି ଉକ୍ତ ଆହାରକୁ ଖାଇ ସମସ୍ତଙ୍କର ପେଟ ପୂରିଗଲା ଏବଂ ଉକ୍ତ ଖାଦ୍ୟ ପୂର୍ବବତ୍ ବଳି ଥିଲା ଏବଂ ତହିଁରେ କିଛି ବି ହ୍ରାସ ପାଇ ନଥିଲା । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-370, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ଲୁଗାତୁଲ୍ ହଦିସ୍, ଭାଗ-1, ପୃ-542)**

ପୁଣ୍ୟଶ୍ଳୋକ ହ. ମସିହ୍ ମୁଦ୍ ଅ.ସ ସାଲିକ୍ (ଯେଉଁ ବ୍ୟକ୍ତି ଗୃହାସ୍ଥଶ୍ରମ ଜୀବନ ଅତିବାହିତ କରି ସାଧକ ହୁଏ)ଙ୍କ ମର୍ଯ୍ୟାଦାର ଚର୍ଚ୍ଚା କରି କହିଲେ, ସାଲିକ୍ ଅର୍ଥାତ୍ ସାଧକ ଈଶ୍ୱରଙ୍କ ସାନ୍ନିଧ୍ୟ ଏବଂ ତାହାଙ୍କ ସାମୀପ୍ୟତା ଏଭଳି ପ୍ରାପ୍ତ କରିନେଇଥାଏ ଯେପରି ଅଗ୍ନି ଲୌହ ରଙ୍ଗକୁ ନିଜ ତଳେ ଲୁଚାଇ ନେଇଥାଏ ଯେ, ପ୍ରକାଶ୍ୟ ଦୃଷ୍ଟିରେ ଅଗ୍ନି ବ୍ୟତୀତ ଆଉ କୌଣସି ବସ୍ତୁ ଦୃଶ୍ୟମାନ ହୋଇ ନଥାଏ । ଉକ୍ତ ଅବସ୍ଥାକୁ '**ଲିକା**'ର ମର୍ଯ୍ୟାଦା ଅର୍ଥାତ୍ ଦର୍ଶନ ଏବଂ ସାକ୍ଷାତ୍ ବୋଲି କୁହାଯାଏ । ଉକ୍ତ ବିଷୟ ସଂକ୍ରାନ୍ତରେ ଚର୍ଚ୍ଚା କରି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ସାଧକ ଏବଂ ଯେଉଁମାନଙ୍କୁ ଈଶ୍ୱରଙ୍କ ଦର୍ଶନ ଓ ସାନ୍ନିଧ୍ୟ ପ୍ରାପ୍ତ ହୋଇଥାଏ ସେମାନଙ୍କର ପ୍ରଶଂସା କରି କୁହନ୍ତି: ''ଉକ୍ତ ଦର୍ଶନ ସ୍ତରରେ ବେଳେବେଳେ ମନୁଷ୍ୟ ଦ୍ୱାରା ଏପରି କର୍ମ ସମ୍ପାଦନ ହୋଇଯାଇଥାଏ ଯେ, ତାହା ମାନବିକ ସାମର୍ଥ୍ୟ ବହିର୍ଭୂତ ବୋଲି ଜ୍ଞାତ ହୋଇଥାଏ । ଐଶୀ ସାମର୍ଥ୍ୟର ରୂପ ନିଜ ମଧ୍ୟରେ ନିହିତ ରଖିଥାଏ । ଯେପରି ଆମର ପ୍ରିୟ ମୁନିବ ତଥା ନବୀ ଶିରୋମଣି ହ. ମୁହମ୍ମଦ ସ.ଅ ବଦର୍ ଯୁଦ୍ଧରେ ମୁଠାଏ ଛୋଟ ଛୋଟ କଙ୍କର (ପଥର) ଅବିଶ୍ୱାସକାରୀମାନଙ୍କ ଉପରକୁ ଫୋପାଡ଼ି ଥିଲେ । ସେହି ମୁଠାଏ ଛୋଟ ଛୋଟ ପଥର କୌଣସି ଦୁଆର ମାଧ୍ୟମରୁ ନୁହେଁ ବରଂ ସ୍ୱୟଂ ହିଁ ଆଧ୍ୟାତ୍ମିକ ସାମର୍ଥ୍ୟ ଦ୍ୱାରା ଅବିଶ୍ୱାସକାରୀମାନଙ୍କ ଉପରକୁ ଆପଣ ସ.ଅ ଫିଙ୍ଗିଥିଲେ। କିନ୍ତୁ ସେହି ମୁଠାଏ ଛୋଟ ଛୋଟ ପଥର ଏପରି ଐଶୀ ଶକ୍ତି ପ୍ରଦର୍ଶନ କଲା ଓ ବିରୋଧୀ ସୈନ୍ୟବାହିନୀ ଉପରେ ଏପରି ଚମତ୍କାରିକମୂଳକ ପ୍ରଭାବ ପକାଇଲା ଯେ, ସେହି ଅବିଶ୍ୱାସକାରୀଙ୍କ ମଧ୍ୟରୁ କେହି ବି ଯୁଦ୍ଧ ଭୂମିରେ ତିଷ୍ଠି ପାରିଲା ନାହିଁ।

ଅର୍ଥାତ୍ ସମସ୍ତ ଅବିଶ୍ୱାସକାରୀଙ୍କ ଚକ୍ଷୁରେ ଉକ୍ତ ଛୋଟ ଛୋଟ ପଥର ଧୂଳିକଣା ପଡ଼ିଗଲା । ଯାହାଫଳରେ ସେମାନେ ଅନ୍ଧଙ୍କ ପରି ହୋଇଗଲେ। ଏଭଳି ସ୍ଥିତିରେ ସେମାନେ ଏତେ ଲଜ୍ଜିତ, ବିବ୍ରତ ଏବଂ ଚିନ୍ତିତ ହୋଇଗଲେ ଯେ, ସେମାନେ ଯୁଦ୍ଧ ଭୂମିରୁ ପଳାୟନ ଆରମ୍ଭ କରିଦେଲେ । ଏହି ପ୍ରକାରର ଆହୁରି ଅନେକ ଚମତ୍କାର ରହିଛି ଯାହା କେବଳ ବ୍ୟକ୍ତିଗତ ରୂପେ ଆଁହଜରତ ସ.ଅ ପ୍ରଦର୍ଶନ କରିଥିଲେ । ଏହି ଚମତ୍କାର ସହିତ ଦୁଆ ନଥିଲା । ଅନେକ ଥର ସାମାନ୍ୟ ଜଳ ଯାହାକି କେବଳ ଏକ ପିଆଲା ହେବ ସେହି ଜଳ ମଧ୍ୟରେ ଆପଣ ସ.ଅ ନିଜର ଆଙ୍ଗୁଠି ପ୍ରବେଶ କରିବା ଦ୍ୱାରା ଜଳର ସ୍ତର ଏତେ ବୃଦ୍ଧି କରିଦେଲେ ଯେ, ସମସ୍ତ ସୈନ୍ୟବାହିନୀ, ଓଟ ଓ ଅଶ୍ୱମାନେ ସେହି ଜଳକୁ ପାନ କଲେ । ତଥାପି ସେହି ଜଳ ପୂର୍ବବତ୍ ବଳି ପଡ଼ିଲା । ସେହିପରି ଅନେକ ଥର ଆପଣ ସ.ଅ ଦୁଇ ଚାରି ଖଣ୍ଡ ରୁଟି ଉପରେ ହାତ ରଖିବା ଦ୍ୱାରା ସହସ୍ର କ୍ଷୁଧାର୍ତ୍ତ (ଭୋକିଲା) ଓ ତୃଷାର୍ତ୍ତ (ଶୋଷିଲା) ଲୋକମାନେ ସେହି ରୁଟି ଖଣ୍ଡ ଏବଂ ସ୍ୱଳ୍ପ ଜଳକୁ ପାନ କରିବା ଦ୍ୱାରା ସେମାନଙ୍କ ପେଟ ପୂରି ଯାଇଥିଲା । ବେଳେବେଳେ କ୍ଷାରୀୟ ଜଳ ଏବଂ କୂପରେ ଆପଣ ସ.ଅ ନିଜର ପବିତ୍ର ତୁଣ୍ଡରୁ ଲାଳ ପକାଇ ଦେଇ ତାହାକୁ ପବିତ୍ର କରିଦେଲେ । ବେଳେବେଳେ ଗମ୍ଭୀର ରୂପେ ଆହତ ସାହାବାମାନଙ୍କ କ୍ଷତ ଉପରେ ନିଜର ପବିତ୍ର ଲାଳ ଲେପନ କରି ଆପଣ ସ.ଅ ସେମାନଙ୍କର ଚକିତ୍ସା କରୁଥିଲେ ଏବଂ ସେମାନଙ୍କୁ ଆରୋଗ୍ୟ ପ୍ରଦାନ କରି ଦେଇଥିଲେ । ସେହିପରି କେତେକ ସାହାବିଙ୍କ ଚକ୍ଷୁ ଡୋଳା ଯେତେବେଳେ ଯୁଦ୍ଧ ଭୂମିରେ ଯୁଦ୍ଧ ଦ୍ୱାରା ଅବା କୌଣସି ଆଘାତ ଦ୍ୱାରା ବାହାରକୁ ବାହାରି ଯାଉଥିଲା ସେତେବେଳେ ଆପଣ ସ.ଅ ନିଜର ପବିତ୍ର ହସ୍ତର ଚମତ୍କାରିକ କଲ୍ୟାଣ ମାଧ୍ୟମରେ ଚକ୍ଷୁକୁ ଠିକ୍ କରି ଦେଉଥିଲେ । ସେହିପରି ଆହୁରି ଅନେକ କାର୍ଯ୍ୟ ରହିଛି ଯାହା ଆପଣ ସ.ଅ ନିଜର ବ୍ୟକ୍ତିଗତ ସାମର୍ଥ୍ୟ ଦ୍ୱାରା ସମ୍ପାଦନ କରିଥିଲେ । ଏହି କାର୍ଯ୍ୟ ସହିତ ଏକ ଲୁକ୍କାୟିତ ଐଶୀ ଶକ୍ତି ମିଶ୍ରିତ ହୋଇଥିଲା ।"

**(ଆଇନା କମାଲାତେ ଇସଲାମ୍, ରୁହାନୀ ଖଜାଏନ୍ ଭାଗ-5, ପୃ-65-66)**

ଖନ୍ଦକ୍ ଖନନ (ଗର୍ତ୍ତ ଖୋଳା) କାର୍ଯ୍ୟ ସମୟରେ କପଟ ବିଶ୍ୱାସୀମାନଙ୍କ ଅବସ୍ଥା ଓ ବିଶ୍ୱାସକାରୀମାନଙ୍କ ଅବସ୍ଥା ସଂପର୍କରେ ମଧ୍ଯ ବର୍ଣ୍ଣନା କରାଯାଇଛି । ଏହାର ବିବରଣୀ ଏହିପରି- ଇବ୍‌ନେ ଇସ୍‌ହାକ୍ ଉଲ୍ଲେଖ କରନ୍ତି ଯେ, ଅନେକ କପଟ ବିଶ୍ୱାସୀମାନେ ରସୁଲୁଲ୍ଲାଃ ସ.ଅ ଏବଂ ମୁସଲମାନମାନଙ୍କ କାର୍ଯ୍ୟରେ ଅଂଶଗ୍ରହଣ କରିବାରେ ବିଳମ୍ବ ଏବଂ ଆଳସ୍ୟ ପ୍ରଦର୍ଶନ କଲେ । କପଟ ବିଶ୍ୱାସୀମାନେ ଟିକିଏ କାର୍ଯ୍ୟ କରୁଥିଲେ ଏବଂ ରସୁଲ୍ କରୀମ୍ ସ.ଅଙ୍କୁ କିଛି ନକହି ଏବଂ ଅନୁମତି ନନେଇ ଘରକୁ ପଳାଉଥିଲେ । ମୁସଲମାନମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତିକୁ କିଛି ଆବଶ୍ୟକତା ପଡୁଥିଲା ସେତେବେଳେ ସେ ଅର୍ଥାତ୍ ମୁସଲମାନ୍ ନବୀ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ଘରକୁ ଯିବା ନିମନ୍ତେ ଆପଣ ସ.ଅଙ୍କ ଠାରୁ ଅନୁମିତ ଲୋଡୁଥିଲା । ଅତଏବ୍ ଏହା ଥିଲା ବିଶ୍ୱାସକାରୀମାନଙ୍କର ଅବସ୍ଥା। ଆଉ ଅନ୍ୟ ପଟରେ କପଟ ବିଶ୍ୱାସୀମାନେ କିଛି ନକହି ଖସି ପଳାଉଥିଲେ । ବିଶ୍ୱାସକାରୀମାନେ ରସୁଲୁଲ୍ଲାଃ ସ.ଅଙ୍କୁ ପଚାରି ଯାଉଥିଲେ ଏବଂ ଆପଣ ସ.ଅ ବିଶ୍ୱାସକାରୀମାନଙ୍କୁ ଅନୁମତି ପ୍ରଦାନ କରୁଥିଲେ । ବିଶ୍ୱାସକାରୀମାନଙ୍କର ଆବଶ୍ୟକତା ପୂରଣ ହେବା ପରେ ସେମାନେ ଫେରି ଆସୁଥିଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-370, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ରସୁଲୁଲ୍ଲାଃ ସ.ଅଙ୍କ ଯୁଦ୍ଧ ପ୍ରସ୍ତୁତିର ଅତିରିକ୍ତ ଚର୍ଚ୍ଚା ମଧ୍ଯ ବର୍ଣ୍ଣିତ ହୋଇଛି । ଏଥି ସଂକ୍ରାନ୍ତରେ ବର୍ଣ୍ଣନାମାନଙ୍କରେ ଉଲ୍ଲେଖ ରହିଛି ଯେ, ଅବୁ ସୁଫିୟାନ୍‌ର ସୈନ୍ୟବାହିନୀର ଆଗମନର ତିନି ଦିନ ପୂର୍ବରୁ ଖନ୍ଦକ୍‌ର (ଗର୍ତ୍ତ ଖନନ) କାର୍ଯ୍ୟ ପ୍ରସ୍ତୁତି ହୋଇ ସାରିଥିଲା । ବର୍ତ୍ତମାନ ଯୋଜନା ମୁତାବକ ଖନ୍ଦକ୍‌ରେ କାମ କରୁଥିବା ପିଲାମାନଙ୍କୁ ଏବଂ ଯୁବକମାନଙ୍କୁ ମଧ୍ୟ ସେହି ଦୁର୍ଗ ଅଭିମୁଖେ ପ୍ରେରଣ କରିଦିଆଗଲା ଯେଉଁଠି ମହିଳାମାନଙ୍କୁ ସୁରକ୍ଷା ଦୃଷ୍ଟିରୁ ସ୍ଥାନାନ୍ତରିତ କରାଯାଇଥିଲା । କିନ୍ତୁ ଯେଉଁ ଯୁବକମାନଙ୍କର ବୟସ 15 ଥିଲା ସେମାନଙ୍କୁ ଅନୁମତି ପ୍ରଦାନ କରାଯାଇଥିଲା ଯେ, ସେମାନେ ଯଦି ଚାହିଁବେ ତେବେ ସେମାନେ ଗର୍ତ୍ତ ଖନନକାରୀଙ୍କ ସହିତ ସାମିଲ୍ ହେବେ ଅବା ସେମାନେ ଦୁର୍ଗ ମଧ୍ୟକୁ ଚାଲିଯିବେ । ଅତଏବ୍ ଯେଉଁ ଯୁବକମାନଙ୍କୁ ଯୁଦ୍ଧରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁମତି ପ୍ରଦାନ କରାଯାଇଥିଲା ସେମାନଙ୍କ ମଧ୍ୟରେ ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅ, ହ. ଜୈଦ୍ ବିନ୍ ସାବିତ୍ ର.ଅ, ହ. ଅବୁ ସଇଦ୍ ଖୁଦରୀ ର.ଅ ଓ ହ. ବରାଅ ବିନ୍ ଆଜିବ୍ ର.ଅ ଇତ୍ୟାଦି ଯୁବ ସାହାବାମାନେ ସାମିଲ୍ ଥିଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-370, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ଅହଜାବ୍ ଯୁଦ୍ଧ, ଲେଖକ ମୁହମ୍ମଦ୍ ଅହେମଦ ବାଶ୍‌ମିଲ୍ ସାହେବ, ପୃ-171, ପ୍ରକାଶନ ସ୍ଥାନ- ନଫିସ୍ ଏକାଡ଼େମୀ, କରାଚୀ) (ୱିକି ପିଡ଼ିଆ, ଖନ୍ଦକ୍ ଯୁଦ୍ଧ)**

ଇବ୍‌ନେ ହିଶ୍ଶାମ୍‌ଙ୍କ କଥନ ଅନୁଯାୟୀ ଆଁହଜରତ ସ.ଅ ଉମ୍ମେ ମକତୁମ୍ ର.ଅଙ୍କୁ ମଦିନା ଉପରେ ନିଜର ନାଏବ୍ (ଉପ ଅମୀର୍) ଭାବରେ ନିଯୁକ୍ତ କିରଥିଲେ । ଆପଣ ସ.ଅ ସଲଅ ପର୍ବତ ସମ୍ମୁଖରେ ଶିବିର ସ୍ଥାପନ କଲେ । ସଲଅ ମଦିନା ଠାରୁ ଉତ୍ତର ଦିଗରେ ଅବସ୍ଥିତ ଏକ ପର୍ବତ ଅଟେ । ସେହିପରି ଏହା ବର୍ଣ୍ଣନା କରାଯାଏ ଯେ, ଏହା ଆଜିକାଲି ମସ୍‌ଜିଦେ ନବୱୀ ଠାରୁ ପ୍ରାୟ 500 କି.ମି ଦୂରତାରେ ଅବସ୍ଥିତ ଅଟେ । ଆଁହଜରତ ସ.ଅ ଉକ୍ତ ପର୍ବତକୁ ନିଜ ପଛରେ ରଖିଲେ ଏବଂ ଖନ୍ଦକ୍‌କୁ ସମ୍ମୁଖରେ ରଖିଲେ । ଆପଣ ସ.ଅଙ୍କ ସୈନ୍ୟବାହିନୀ ମଧ୍ୟ ସେଠାରେ ଥିଲା । ଆପଣ ସ.ଅଙ୍କ ନିମନ୍ତେ ସେଠାରେ ଚମଡ଼ାର ଶିବିର ରୋପଣ କରାଯାଇଥିଲା । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-371, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ୱିକି ପିଡ଼ିଆ, ଖନ୍ଦକ୍ ଯୁଦ୍ଧ)**

ବିରୋଧୀମାନଙ୍କ ସଂଖ୍ୟା ସଂକ୍ରାନ୍ତରେ ଇତିହାସବିତ୍‌ମାନେ ଭିନ୍ନ ଭିନ୍ନ ବର୍ଣ୍ଣନା ବର୍ଣ୍ଣନା କରିଛନ୍ତି । କେଉଁ ଇତିହାସବିତ୍‌ଙ୍କ ମତେର ଏହି ସଂଖ୍ୟା ୨00ରୁ ଉର୍ଦ୍ଧ୍ୱ ନଥିଲା ବେଳେ ଅନ୍ୟ ଇତିହାସବିତ୍‌ଙ୍କ ମତରେ ଏହି ସଂଖ୍ୟା ପ୍ରାୟ 700 ଥିଲା । ସେହିପରି ଅନ୍ୟ ଇତିହାତବିତ୍‌ଙ୍କ ମତେରେ ଏହି ସଂଖ୍ୟା 3000 ଥିଲା । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-370, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ଅହଜାବ୍ ଯୁଦ୍ଧ, ଲେଖକ ମୁହମ୍ମଦ୍ ଅହେମଦ ବାଶ୍‌ମିଲ୍ ସାହେବ, ପୃ-171, ପ୍ରକାଶନ ସ୍ଥାନ- ନଫିସ୍ ଏକାଡ଼େମୀ, କରାଚୀ)(ଅସ୍ ସହି ମିନ୍ ସିରତୁନ୍ ନବୀ ସ.ଅ, ଅଲଆଜମ୍, ପୃ-297, ଭାଗ-10)(ଜୀବନୀ ଶବ୍ଦକୋଷ, ପୃ-300,ଦାରୁସ୍ ସଲାମ)**

ବିଭିନ୍ନ ସ୍ଥାନରେ ମୁସଲମାନମାନଙ୍କର ସଂଖ୍ୟା ଭିନ୍ନ ଭିନ୍ନ ବୋଲି ବର୍ଣ୍ଣନା କରାଯାଇଛି । ଇତିହାସବିତ୍‌ମାନଙ୍କୁ ଏହି ସଂଖ୍ୟା ବର୍ଣ୍ଣନା କରିବା ସଂକ୍ରାନ୍ତରେ ନାନା ଆସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି । ସେମାନେ ଅର୍ଥାତ୍ ଇତିହାସବିତ୍‌ମାନେ ଯେତେବେଳେ ଏହି ସଂଖ୍ୟା ସଂପର୍କରେ ଚର୍ଚ୍ଚା କରନ୍ତି ସେତେବେଳେ ସେମାନେ କେବଳ ଗୋଟିଏ ବର୍ଣ୍ଣନାକୁ ପ୍ରାଧାନ୍ୟ ଦେଇଥାଆନ୍ତି ଏବଂ ଅନ୍ୟ ବର୍ଣ୍ଣନାଗୁଡ଼ିକୁ ସେମାନେ ଭୁଲ୍ ବୋଲି ବିବେଚିତ କରିଥାଆନ୍ତି । କିନ୍ତୁ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସର୍ବୋଚ୍ଚ ନୈପୁଣ୍ୟତା ଏବଂ ଚାତୁର୍ଯ୍ୟତା କୌଣସି ବର୍ଣ୍ଣନାକୁ ଭୁଲ୍ ବୋଲି ବିବେଚିତ କରିବା ପରିବର୍ତ୍ତେ ସେହି ସମସ୍ତ ବର୍ଣ୍ଣନାଗୁଡ଼ିକୁ ଯାହାକି ପରସ୍ପର ସହିତ ସାମଞ୍ଜସ୍ୟତା ରଖନ୍ତି ତାହାକୁ ସମାନୁପାତ ଏବଂ ଅନୁକୂଳ ତଥା ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା କରି ଆପଣ ର.ଅ କୁହନ୍ତି: "ଇତ୍ୟବସରରେ ମୁସଲମାନମାନଙ୍କର ସୈନ୍ୟସଂଖ୍ୟା ସଂକ୍ରାନ୍ତରେ ଇତିହାସବିତ୍‌ମାନଙ୍କ ମଧ୍ୟରେ ମତପାର୍ଥକ୍ୟ ରହିଛି । କେତେକ ଲୋକମାନେ ସେହି ସୈନ୍ୟବାହିନୀ ସଂଖ୍ୟା 3000 ବୋଲି ଉଲ୍ଲେଖ କରିଛନ୍ତି ତ' ଆଉ କେତେକ ଇତିହାସବିତ୍‌ମାନେ 1300 ବୋଲି ଉଲ୍ଲେଖ କରିଛନ୍ତି। ସେହିପରି ଅନ୍ୟ କେତେକ ଇତିହାସବିତ୍‌ମାନେ 700 ବୋଲି ବର୍ଣ୍ଣନା କରିଛନ୍ତି। ଏହା ଏତେ ବିଶାଳ ମତଭେଦ ଯେ, ଏହାର ଉପମା ପ୍ରକାଶ୍ୟ ରୂପେ ବର୍ଣ୍ଣନା କରିବା ବାସ୍ତବରେ ଦୁରୂହ ବ୍ୟାପାର ବୋଲି ପ୍ରତିତ ହୁଏ । ଇତିହାସବିତ୍‌ମାନେ ଏହାକୁ ସମାଧାନ କରିପାରି ନାହାନ୍ତି । କିନ୍ତୁ ମୁଁ ଉକ୍ତ ବାସ୍ତବତାକୁ ପ୍ରାପ୍ତ କରିନେଇଛି ଏବଂ ତାହା ଏହିକି ଯେ, ଉପରୋକ୍ତ ତିନି ପ୍ରକାରର ବର୍ଣ୍ଣନାଗୁଡ଼ିକ ସଠିକ୍ ଅଟନ୍ତି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ଏହା କହି ସାରିଛି ଯେ, ୱହୋଦ୍ ଯୁଦ୍ଧରେ କପଟ ବିଶ୍ୱାସୀମାନଙ୍କର ସୈନ୍ୟବାହିନୀରୁ ଫେରି ଆସିବା ପରେ ମୁସଲମାନମାନଙ୍କର ସୈନ୍ୟ ସଂଖ୍ୟା କେବଳ 700 ସୈନ୍ୟ ବିଶିଷ୍ଟ ଥିଲା । ୱହୋଦ୍ ଯୁଦ୍ଧର ଦୁଇ ବର୍ଷ ପରେ ଅହଜାବ୍ ଯୁଦ୍ଧ ହୋଇଥିଲା । ଉକ୍ତ ଅବଧି ମଧ୍ୟରେ କୌଣସି ବଡ଼ ସଂପ୍ରଦାୟ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇ ମଦିନାରେ ଆସି ବାସ କରି ନଥିଲା । ଅତଃ 700 ସଂଖ୍ୟାରର ହଠାତ୍ 300 ହୋଇଯିବାଟା ଜ୍ଞାନଗମ୍ୟ ଯୁକ୍ତିଯୁକ୍ତ ନୁହେଁ । ଏହା ସମ୍ଭବ ନୁହେଁ ଯେ, ଏହି 700 ଜଣ ଲୋକମାନେ ତିନି ହଜାର ହୋଇଗଲେ । କିନ୍ତୁ ବାହାରୁ ମଧ୍ୟ କେହି ଆସି ନାହିଁ । ଅନ୍ୟ ପକ୍ଷେ ଉକ୍ତ ପ୍ରସଙ୍ଗ ମଧ୍ୟ ଜ୍ଞାନଗମ୍ୟ ନୁହେଁ ଯେ, ୱହୋଦ୍ ଯୁଦ୍ଧର ଦୁଇ ବର୍ଷ ପର୍ଯ୍ୟନ୍ତ ଇସ୍‌ଲାମ୍ ଧର୍ମର ଉନ୍ନତି ହେବା ସତ୍ତ୍ୱେ ଯୁଦ୍ଧ ଯୋଗ୍ୟ ମୁସଲମାନମାନେ ସେତିକି ସଂଖ୍ୟକ ହିଁ ରହିଲେ ଯେତିକି ସଂଖ୍ୟକ ସୈନ୍ୟ ୱହୋଦ୍ ଯୁଦ୍ଧରେ ଥିଲେ ।" କିଛି ନା କିଛିଟା ସଂଖ୍ୟା ଅବଶ୍ୟ ବୃଦ୍ଧି ପାଇଥିବ। ଅତଏବ୍ ଉପରୋକ୍ତ ଦୁଇଟି ପ୍ରସଙ୍ଗକୁ ସମୀକ୍ଷା ଏବଂ ସମାଲୋଚନା କରି ସାରିବା ପରେ ବର୍ଣ୍ଣନାଟି ସଠିକ୍ ବୋଲି ଜ୍ଞାତ ହେଉଛି । ଅର୍ଥାତ୍ ଅହ୍‌ଜାବ୍ ଯୁଦ୍ଧ ସମୟରେ ମୁସଲମାନମାନଙ୍କର ସଂଖ୍ୟା 1200 ପାଖାପାଖି ଥିଲା ।

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ବର୍ତ୍ତମାନ ଏହି ପ୍ରଶ୍ନ ଉଠୁଛି ଯେ, କେହି ତିନି ହଜାର, କେହି ସାତ ହଜାର ସଂଖ୍ୟା କାହିଁକି ଲେଖିଲା ? ତେବେ ଏହାର ଉତ୍ତର ଏହିକି ଯେ,ଏହି ଦୁଇଟି ବର୍ଣ୍ଣନା ପୃଥକ୍ ପୃଥକ ଅବସ୍ଥାରେ ଏବଂ ଦୃଷ୍ଟାନ୍ତ ଅନୁଯାୟୀ ବର୍ଣ୍ଣନା କରାଯାଇଛି । ଅହ୍‌ଜାବ୍ ଯୁଦ୍ଧର ତିନୋଟି ଭାଗ ଥିଲା । ଯେତେବେଳେ ଶତ୍ରୁ ମଦିନା ସମ୍ମୁଖକୁ ଆସି ନଥିଲା ଏବଂ ଖନ୍ଦକ୍ (ଗର୍ତ୍ତ) ଖୋଳା ଯାଉଥିଲା । ଉକ୍ତ କାର୍ଯ୍ୟରେ ଅନ୍ତତଃ ମାଟି ଉଠାଇବାର କାମ ପିଲାମାନେ ମଧ୍ୟ କରିପାରୁଥିଲେ ଏବଂ କେତେକ ମହିଳାମାନେ ମଧ୍ୟ ଉକ୍ତ କାର୍ଯ୍ୟରେ ସାହଯୋଗ କରିପାରି ଥାଆନ୍ତେ । ସୁତରାଂ ଯେପର୍ଯ୍ୟନ୍ତ ଖନ୍ଦକ୍ ଖୋଳିବାର କାର୍ଯ୍ୟ ଚାଲିଥିଲା ସେତେବେଳେ ମୁସଲମାନମାନଙ୍କର ସୈନ୍ୟ ସଂଖ୍ୟା 3000 ଥିଲା । କିନ୍ତୁ ତହିଁରେ ପିଲାମାନେ ମଧ୍ୟ ସାମିଲ୍ ଥିଲେ ଏବଂ ମହିଳା ସାହାବାମାନଙ୍କର ଉତ୍ସାହକୁ ଦେଖି ଆମେ ଏହା କହିପାରିବା ଯେ, ଉକ୍ତ ସଂଖ୍ୟାରେ ମହିଳାମାନେ ମଧ୍ୟ ସାମିଲ୍ ହୋଇଥିବେ ଯେଉଁମାନେ ଖନ୍ଦକ୍ ଖୋଳିବା କାର୍ଯ୍ୟ ତ' କରି ନଥିବେ କିନ୍ତୁ ଉପରର କାମରେ ଅଂଶ ଗ୍ରହଣ କରିଥିବେ । ଏହା ମୋର ଚିନ୍ତାଧାର ନୁହେଁ । ଆପଣ (ହ. ମୁସଲେହ୍ ମଉଦ୍ ର.ଅ) କୁହନ୍ତି ମୋର ଏହି ଧାରଣା ନୁହଁ ବରଂ ଇତିହାସରୁ ମଧ୍ୟ ମୋର ଉକ୍ତ ଚିନ୍ତାଧାରାର ପୁଷ୍ଟି ହୋଇଥାଏ। ସୁତରାଂ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ଖନ୍ଦକ୍ ଖୋଳିବାର ସମୟ ଆସିଲା ସେତେବେଳେ ସମସ୍ତ ବାଳକମାନଙ୍କୁ ଏକତ୍ରିତ କରିନିଆଗଲା। ସମସ୍ତ ମହିଳା ଓ ପୁରୁଷମାନେ ଯେଉଁମାନେ ବୟସ୍କ କିମ୍ବା ବୟସ୍କା ଥିଲେ ସେମାନେ ପଛେ ଛୋଟ ପିଲାମାନେ ହୁଅନ୍ତୁ ସେମାନେ ଖନ୍ଦକ୍ (ଗର୍ତ୍ତ) ଖୋଳିବା କିମ୍ବା ଖନ୍ଦକ୍ ଖୋଳିବା କାର୍ଯ୍ୟରେ ସାହାଯ୍ୟ କରୁଥିଲେ ଏବଂ ସେମାନେ କାମରେ ଆସୁଥିଲେ । ପୁନଶ୍ଚ ଶତ୍ରୁ ଯେତେବେଳେ ଆସିଗଲା ଏବଂ ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ରୁସଲୁଲ୍ଲାଃ ସ.ଅ ସେହି ସମସ୍ତ ବାଳକମାନଙ୍କୁ ଯେଉଁମାନେ 15 ବର୍ଷରୁ କମ୍ ବୟସର ବାଳକ ଥିଲେ ସେମାନଙ୍କୁ ଘରକୁ ଚାଲିଯିବାକୁ ନିର୍ଦ୍ଦେଶ ଦେଲେ । ସେହିପରି ଯେଉଁ ବାଳକମାନେ 15 ବର୍ଷ ପୂରି ଯାଇଥିଲା ଆଁହଜରତ୍ ସ.ଅ ସେମାନଙ୍କୁ ଅନୁମତି ପ୍ରଦାନ କଲେ ଯେ, ସେମାନଙ୍କ ଇଚ୍ଛା ସେମାନେ ରୁହନ୍ତୁ ଅବା ଚାଲିଯାଆନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ବର୍ଣ୍ଣାନରୁ ଏହା ଜ୍ଞାତ ହୁଏ ଯେ, ଖନ୍ଦକ୍ ଖୋଳିବା ସମୟରେ ମୁସଲମାନମାନଙ୍କର ସଂଖ୍ୟା ଅଧିକ ଥିଲା ଏବଂ ଯୁଦ୍ଧ ସମୟରେ ମୁସଲମାନମାନଙ୍କର ସଂଖ୍ୟା ହ୍ରାସ ପାଇଲା । କାରଣ ନାବାଳକମାନଙ୍କୁ ଘରକୁ ଫେରିଯିବାକୁ ଆଦେଶ ଦିଆଯାଇଥିଲା । ସୁତରାଂ ଯେଉଁ ବର୍ଣ୍ଣନାମାନଙ୍କରେ 3000ରୁ ଉର୍ଦ୍ଧ୍ୱ ସଂଖ୍ୟାର ଚର୍ଚ୍ଚା ଆସିଛି ତାହା ଖନ୍ଦକ୍ (ଗର୍ତ୍ତ) ଖୋଳିବା ସମୟର ସଂଖ୍ୟା ବୋଲି ସୂଚାଉଛି । ସେହି ସଂଖ୍ୟାରେ ନାବାଳକମାନେ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ। ଯେପରିକି ମୁଁ ଅନ୍ୟ ଯୁଦ୍ଧର ଆକଳନ କରି ନିଷ୍କର୍ଷ ବାହାର କରିଛି ଯେ, କିଛି ମହିଳାମାନେ ମଧ୍ୟ ଥିଲେ । କାରଣ ଅନ୍ୟ ଯୁଦ୍ଧର ବର୍ଣ୍ଣାମାନଙ୍କରେ ଏହି ଚର୍ଚ୍ଚା ମିଳେ ଯେ, ମହିଳାମାନେ ଖନ୍ଦକ୍‌ରେ ସାମିଲ୍ ହୋଇଥିଲେ । କିନ୍ତୁ 1200 ସଂଖ୍ୟା ସେତେବେଳର କଥା ଯେତେବେଳେ ଯୁଦ୍ଧ ଆରମ୍ଭ ହୋଇଗଲା ଏବଂ କେବଳ ସାବାଳାକ ଯୁବକ ଓ ବୟସ୍କ ପୁରୁଷମାନେ ହିଁ ରହିଗଲେ ।

ହୁଜୁର ଅନ୍‌ୱର ଅ.ବ କହିଲେ, ବର୍ତ୍ତମାନ ଏହି ପ୍ରଶ୍ନ ଉତ୍ଥାପିତ ହୁଏ ଯେ, ତୃତୀୟ ବର୍ଣ୍ଣନା ଯାହା 700 ସୈନ୍ୟ ସଂଖ୍ୟାକୁ ସୂଚାଏ ତାହା କ'ଣ ସଠିକ୍ ଅଟେ କି ? ତେବେ ଉପରୋକ୍ତ ପ୍ରଶର ଉତ୍ତର ଏହିକି ଯେ, ଉକ୍ତ ବର୍ଣ୍ଣନାଟି ଇବ୍‌ନେ ଇସ୍‌ହାକ୍ ନାମକ ଜନୈକ ଇତିହାସବିତ୍ ବର୍ଣ୍ଣନା କରିଛନ୍ତି । ଇବ୍‌ନେ ଇସ୍‌ହାକ୍ ଜଣେ ବିଶ୍ୱସ୍ତ ଇତିହାସବିତ୍ ଅଟନ୍ତି । ଇବ୍‌ନେ ହିଜମ୍‌ଙ୍କ ପରି ଜଣେ ମହାନ୍ ବିଦ୍ୱାନ୍ ପଣ୍ଡିତ ଉକ୍ତ ବର୍ଣ୍ଣନାର ଦୃଢତାର ସହିତ ପୁଷ୍ଟି କରିଛନ୍ତି । ଅତଏବ୍ ଏଥି ସଂକ୍ରାନ୍ତରେ ମଧ୍ୟ ସନ୍ଦେହ ପ୍ରକାଶ କରାଯାଇ ପାରିବ ନାହିଁ । ଏହାର ପୁଷ୍ଟି ଏହିପରି ମଧ୍ୟ ହୋଇଥାଏ ଯେ, ଇତିହାସର ଅତିରିକ୍ତ ସନ୍ଧାନରୁ ଜ୍ଞାତ ହୁଏ ଯେ, ଯେତେବେଳେ ଯୁଦ୍ଧ ସମୟରେ ବନୁ କୁରୈଜାର ସଂପ୍ରଦାୟ ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀଙ୍କ ସହିତ ମିଶିଗଲେ ଏବଂ ସେମାନେ ଏହି ଇଚ୍ଛା ପ୍ରକାଶ କଲେ ଯେ, ମଦିନା ଉପରେ ସହସା ଆକ୍ରମଣ କରାଯାଉ ତେଣୁ ସେମାନେ ସହସା ଆକ୍ରମଣ କରିଦେଲେ ଏବଂ ସେମାନଙ୍କର ଅନ୍ତର୍ନିହିତ ଉଦ୍ଦେଶ୍ୟର ରହସ୍ୟ ଉନ୍ମୁକ୍ତ ହୋଇଗଲା ସେତେବେଳେ ରସୁଲ୍ କରୀମ୍ ସ.ଅ ମଦିନାର ସେହି ଦିଗର ସୁରକ୍ଷାକୁ ଗୁରୁତ୍ୱ ଦେଲେ । ଅର୍ଥାତ୍ ବନୁ କୁରୈଜା ସଂପ୍ରଦାୟ ଯେଉଁ ଦିଗ ଆଡ଼େ ଥିଲେ ଉକ୍ତ ଦିଗର ସୁରକ୍ଷାକୁ ଆବଶ୍ୟକ ବୋଲି ମନେକଲେ । ପୂର୍ବେ ଯେଉଁ ଦିଗକୁ ଅସୁରକ୍ଷିତ ମନେକରି ଛାଡ଼ି ଦିଆଯାଇଥିଲା ଯେ, ବନୁ କୁରୈଜା ସଂପ୍ରଦାୟ ଆମମାନଙ୍କର ସମର୍ଥକ ଅଟନ୍ତି ଏମାନେ ଶତ୍ରୁମାନଙ୍କୁ ଏହି ଦିଗ (ମାର୍ଗ) ଦେଇ ଆସିବାକୁ ଦେବେ ନାହିଁ । ସୁତରାଂ ଇତିହାସରୁ ଏହା ଜ୍ଞାତ ହୁଏ ଯେ, ବନୁ କୁରୈଜା ସଂପ୍ରଦାୟର ବିଶ୍ୱାସଘାତକତା, ପୃଥକତା ଏବଂ ଧୋକା ସଂପର୍କରେ ଯେତେବେଳେ ଜ୍ଞାତ ହେଲା ସେତେବେଳେ ମହିଳାମାନଙ୍କୁ ବନୁ କୁରୈଜାଙ୍କ ଭରସାରେ ସେହି ଅଞ୍ଚଳରେ ରଖା ଯଆଇଥିଲା ଯେଉଁଠି ବନୁ କୁରୈଜାର ଦୁର୍ଗ ରହିଥିଲା ଏବଂ ମହିଳାମାନେ ଅସୁରକ୍ଷିତ ଥିଲେ । ସୁତରାଂ ରସୁଲ୍ କରୀମ୍ ସ.ଅ ବର୍ତ୍ତମାନ ସେହି ମହିଳାମାନଙ୍କ ସୁରକ୍ଷାକୁ ଅତ୍ୟାବଶ୍ୟକ ତଥା ଜରୁରୀ ବୋଲି ମନେକଲେ । ଆପଣ ସ.ଅ ମୁସଲମାନମାନଙ୍କର ଦୁଇଟି ସୈନ୍ୟବାହିନୀ ଗଠନ କଲେ । ମହିଳାମାନଙ୍କ ରହଣୀ ନିମନ୍ତେ ଦୁଇଟି ଭାଗ ନିର୍ଦ୍ଧାରିତ କଲେ । ମୁସଲମା ଇବ୍‌ନେ ଅସ୍‌ଲମ୍ ର.ଅଙ୍କୁ ଦୁଇ ଜଣ ସାହାବାମାନଙ୍କୁ ପ୍ରଦାନ କରି ଏକ ସ୍ଥାନରେ ନିଯୁକ୍ତ କଲେ ଏବଂ ଜୈଦ୍ ବିନ୍ ହାର୍‌ସା ର.ଅଙ୍କୁ 300 ସାହାବାମାନଙ୍କୁ ଦେଇ ଅନ୍ୟ ଏକ ସ୍ଥାନରେ ନିଯୁକ୍ତ କଲେ । ଆପଣ ସ.ଅ ଆଦେଶ ଦେଲେ ଯେ, ଟିକିଏ ଟିକିଏ ସମୟ ପରେ ଉଚ୍ଚ ସ୍ୱରରେ ତକ୍‌ବିର୍ (ଅଲ୍ଲାଃହୁ ଅକବର୍) କହୁଥାଅ। କାରଣ ଏହା ଜାଣିହେବ ଯେ, ମହିଳାମାନେ ସୁରକ୍ଷିତ ଅଛନ୍ତି । ଉକ୍ତ ବର୍ଣ୍ଣନାରୁ ଆମମାନଙ୍କର ଏହି ସମସ୍ୟାର ଯେ, 700 ସିପାହୀମାନେ ଖନ୍ଦକ୍ ଯୁଦ୍ଧରେ ଇବ୍‌ନେ ଇସ୍‌ହାକ୍ କାହିଁକି କହିଛନ୍ତି ତାହାର ସମାଧାନ ହୋଇଯାଇଥାଏ । କାରଣ 1200 ସୈନ୍ୟମାନଙ୍କ ମଧ୍ୟରୁ ଯେତେବେଳେ 500 ଜଣ ମହିଳାମାନଙ୍କ ସୁରକ୍ଷା ଦାୟିତ୍ୱରେ ପ୍ରେରଣ ଏବଂ ନିୟୋଜିତ କରି ଦିଆଯାଇଥିଲା ସେତେବେଳେ 1200 ଜଣ ସୈନ୍ୟ ମଧ୍ୟରୁ କେବଳ 700 ଜଣ ସୈନ୍ୟ ରହିଗଲେ । ଏହିପରି ଭାବରେ ଖନ୍ଦକ୍ ଯୁଦ୍ଧରେ ସିପାହୀମାନଙ୍କର ସଂଖ୍ୟା ସଂକ୍ରାନ୍ତରେ ଯେଉଁ ମତାନୈକ୍ୟ ଇତିହାସରେ ଦେଖିବାକୁ ମିଳେ ତାହାର ସମାଧାନ ହୋଇଗଲେ । **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-269-271)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅବିଶ୍ୱାସକାରୀମାନଙ୍କର ମଦିନା ପହଞ୍ଚିବା ଏବଂ ଏତଦ୍‌ପରର ଅବସ୍ଥାର ବିବରଣୀ ଏହିପରି ଯେ, ଅବୁ ସୁଫିୟାନ୍‌ର ନେତୃତ୍ୱରେ ମକ୍କାର କୁରୈଶ୍‌ମାନେ ଏବଂ ଅନ୍ୟାନ୍ୟ ସଂପ୍ରଦାୟର ସୈନ୍ୟମାନେ ମଦିନା ପହଞ୍ଚିଗଲେ । ମଦିନାର ଆଖପାଖରେ ଶିବିର ସ୍ଥାପନ କରିଦେଲେ । ଏହାର ବିସ୍ତୃତ ବିବରଣୀ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଏହିପରି ବର୍ଣ୍ଣନା କରିଛନ୍ତି ଯେ, ନ୍ୟୁନାଧିକ ଗୋଟିଏ ଦିନ କିମ୍ବା ବର୍ଣ୍ଣନା ଦୃଷ୍ଟିରୁ 6 ଶାବାନ୍ (ରାତ୍ର) ଏବଂ ଦିନ, ସକାଳ-ସନ୍ଧ୍ୟାର ଅହରହ ପରିଶ୍ରମ ଦ୍ୱାରା ଉକ୍ତ ଖନ୍ଦକ୍ ଖନନ (ଗର୍ତ୍ତ ଖୋଳା କାର୍ଯ୍ୟ) ସଂପୂର୍ଣ୍ଣ ହୋଇଥିଲା । ଉକ୍ତ ଅସାଧାରଣ ପରିଶ୍ରମ ସାହାବାମାନଙ୍କୁ ସଂପୂର୍ଣ୍ଣ ରୂପେ କ୍ଳାନ୍ତ କରି ପକାଇଥିଲା । କିନ୍ତୁ ଏପଟେ ଉକ୍ତ କାର୍ଯ୍ୟଟି ସଂପୂର୍ଣ୍ଣ ହେଲା ସେପଟେ ଇହୁଦୀମାନେ ଏବଂ ଅବିଶ୍ୱାସକାରୀମାନଙ୍କ ଆରବ୍ୟ ସୈନ୍ୟବାହିନୀ ନିଜର ସଂଖ୍ୟା ଏବ ଶକ୍ତିର ନିଶାରେ ନିଶାସକ୍ତ ହୋଇ ମଦିନାର ଦିଗ୍‌ବଳୟରେ ଉଦିତ ହେଲା। ଅବୁ ସୁଫିୟାନ୍ ସର୍ବ ପ୍ରଥମେ ମଦିନା ପର୍ବତ ଆଡ଼କୁ ମୁହାଁଇଥିଲା । କିନ୍ତୁ ସେହି ସ୍ଥାନକୁ ସେ ନିର୍ଜନ ଏବଂ ଜନଶୂନ୍ୟ ପାଇ ମଦିନାର ସେହି ଦିଗ ଆଡ଼କୁ ଆଗ୍ରସର ହେଲା ଯେଉଁଠି ସହର ଉପରେ ଆକ୍ରମଣ କରିବା ନିମନ୍ତେ ପ୍ରଯୁଜ୍ୟ ଥିଲା। କିନ୍ତୁ ଯାହା ସମ୍ମୁଖରେ ଗର୍ତ୍ତ ଖୋଳାଯାଇଥିଲା, ଯେତେବେଳେ ଅବିଶ୍ୱାସକାରୀ ସୈନ୍ୟବାହିନୀ ସେହି ସ୍ଥାନରେ ପହଞ୍ଚିଲା ସେତେବେଳେ ଖନ୍ଦକ୍ (ଗର୍ତ୍ତକୁ)କୁ ନିଜ ସମ୍ମୁଖରେ ଦେଖି ସମସ୍ତେ ଆଶ୍ଚର୍ଯ୍ୟଚକିତ ଏବଂ ଚିନ୍ତିତ ହୋଇଗଲେ । ସେମାନେ ବାଧ୍ୟ ହୋଇ ଖନ୍ଦକର (ଗର୍ତ୍ତ) ଆରପଟେ ଖୋଲା ପଡ଼ିଆରେ ଶିବିର ଲଗାଇଦେଲେ । ଅନ୍ୟ ପଟରେ ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀର ଆଗମନର ଖବର ପାଇ ଆଁହଜରତ ସ.ଅ ମଧ୍ୟ ତିନି ହଜାର ମୁସଲମାନମାନଙ୍କୁ ସାଙ୍ଗରେ ନେଇ ସହରରୁ ବାହାରକୁ ବାହାରିଲେ ଏବଂ ଖନ୍ଦକ୍ (ଗର୍ତ୍ତ) ନିକଟରେ ପହଞ୍ଚି ସହର ଏବଂ ଗର୍ତ୍ତ ମଧ୍ୟରେ ସଲଅ ପର୍ବତକୁ ନିଜର ପଶ୍ଚାତ୍ ଭାଗରେ ରଖି ଶିବିର ପକାଇଦେଲେ । ଯଦିଓ ଖନ୍ଦକ୍ (ଗର୍ତ୍ତ) ଅଧିକ ପ୍ରଶସ୍ତ (ଚଉଡ଼ା) ନଥିଲା ଏବଂ ଖନ୍ଦକ୍‌ର କେତେକ ଭାଗ ନିଃସନ୍ଦେହ ରୂପେ ଏପରି ଥିଲା ଯେ, ତାହା ସଶକ୍ତ ଏବଂ ତତ୍ପର ତଥା ଚତୁର ଅଶ୍ୱାରୋହୀମାନେ ତାହାକୁ ଡେଇଁ ସହର ଆଡ଼କୁ ଆସିପାରି ଥାଆନ୍ତେ । ଆଉ ପୁଣି ମଦିନାର ସେହି ଦିଗ ଯେଉଁ ଦିଗରେ ଖନ୍ଦକ୍ ନଥିଲା ଏବଂ କେବଳ ବାସ ଭବନ ଏବଂ ଉଦ୍ୟାନ ତଥା ଅକ୍ରମାନ୍ୱୟ ଚଟ୍ଟାଣର ବାଧା ଥିଲା । ସେହି ବାସ ଭବନ, ଉଦ୍ୟାନର ସୁରକ୍ଷା ମଧ୍ୟ ଆବଶ୍ୟକତ ଥିଲା । କାରଣ ଶତ୍ରୁ ଏହି ଦିଗ ଦେଇ ବାସ ଭବନକୁ କ୍ଷତି ପହଞ୍ଚାଇ କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟ ରଖି ସ୍ୱଳ୍ପ ଲୋକମାନଙ୍କ ଉପରେ ଧାଡ଼ି ହୋଇ ସିଧାସଳଖ ଆକ୍ରମଣ ନ କରି ଦିଅନ୍ତୁ । ଅତଏବ୍ ଆଁହଜରତ ସ.ଅ ସାହାବାମାନଙ୍କୁ ବିଭିନ୍ନ ସୈନ୍ୟ ଟୁକୁଡ଼ିରେ ବିଭକ୍ତ କରି ଖନ୍ଦକ୍‌ର ବିଭିନ୍ନ ଭାଗରେ ଓ ମଦିନାର ଅନ୍ୟ ପାର୍ଶ୍ୱରେ ଯଥୋଚିତ ସ୍ଥାନରେ କଡ଼ା ପ୍ରହରା ନିଯୁକ୍ତ କରିଦେଲେ।

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

ଆପଣ ସ.ଅ ଏହା ତାଗିଦ୍ କଲେ ଯେ, ଦିନ ହେଉ କି ରାତି ହେଉ କୌଣସି ସମୟରେ ବି ଉକ୍ତ ପ୍ରହରାରେ ଆଳସ୍ୟତା ଏବଂ ଅସାବଧନାତ ଯେପରି ଅବଲମ୍ବନ ନହେଉ । ଅନ୍ୟ ପଟରେ ଅବିଶ୍ୱାସକାରୀମାନେ ଯେତେବେଳେ ଏହା ଅବଲୋକନ କଲେ ଯେ, ଖନ୍ଦକର ବାଧା ଯୋଗୁଁ ଖୋଲା ପଡ଼ିଆରେ ନିୟମିତ ଯୁଦ୍ଧ କିମ୍ବା ସହର ଉପରେ ସାଧାରଣ ଆକ୍ରମଣ ଅସମ୍ଭବ ହୋଇଯାଇଛି ସେତେବେଳେ ସେମାନେ ମଧ୍ୟ ଘେରାଉ ଶୈଳୀରେ ମଦିନାରା ଘେରାଉ କରିନେଲେ ଏବଂ ଖନ୍ଦକ୍‌ର ଦୁର୍ବଳ ଭାଗରୁ ଲାଭବାନ ହେବାର ଅବସର ଖୋଜିବାକୁ ଲାଗି ପଡ଼ିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-583-584)**

ସେ ଯାହା ହେଉ ଶତ୍ରୁ ଯେତେବେଳେ ଖନ୍ଦକ୍ (ଗର୍ତ୍ତ) ଅତିକ୍ରମ କରିବାରେ ବିଫଳ ହେଲା ସେତେବେଳେ ଶତ୍ରୁ ଆହୁରି ନୂଆ ନୂଆ ଉପାୟ ପାଞ୍ଚିବାକୁ ଲାଗିଲା । ଉକ୍ତ ଘଟଣାର ବିସ୍ତୃତ ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି ଯେ, ଅବିଶ୍ୱାସକାରୀମାନେ ଯେତେବେଳେ ମଦିନାର ଚତୁର୍ଦିଗରେ ଘେରାଉ କରିନେଲେ ସେତେବେଳେ ସେମାନେ ସତଚେଷ୍ଟା କରିବା ସତ୍ତ୍ୱେ ଖନ୍ଦକ୍‌ର କୌଣସି ପାର୍ଶ୍ୱରୁ ଖନ୍ଦକ୍ ଅତିକ୍ରମ କରିପାରିଲେ ନାହିଁ ଓ ନା ହିଁ ସେମାନେ ମୁସଲମାମାନଙ୍କ ଉପରେ ମୁକ୍ତ ଭାବରେ ଆକ୍ରମଣ କରିପାରିଲେ । ଉକ୍ତ ଅନନ୍ୟୋପାୟ ଏବଂ ନିଃସହାୟତାର ଅବସ୍ଥାକୁ ଦେଖି ଅବୁ ସୁଫିୟାନ୍ ଏବଂ ବନୁ ନୁଜୈର୍ ସଂପ୍ରାଦୟର ଅଧିପତି ହୁୟଇ ବିନ୍ ଅଖ୍ତବ୍ ଆଦି ଅଧିପତିମାନେ ଆଉ ଏକ ଷଡ଼ଯନ୍ତ୍ର ରଚିଲେ ଏବଂ ଯୋଜନା ପ୍ରସ୍ତୁତ କଲେ ଯେ, ମଦିନା ଭିତରେ ଉପସ୍ଥିତ ଥିବା ଇହୁଦୀମାନଙ୍କର ବନୁ କୁରେଜା ନାମକ ସଂପ୍ରଦାୟକୁ କୌଣସି ମତେ ରାଜି କରାଇ ନିଆଯାଉ । ଅର୍ଥାତ୍ ସେମାନେ ମୁସଲମାନମାନଙ୍କ ସହିତ କରିଥିବା ଚୁକ୍ତିକୁ ଭଙ୍ଗ କରି ଦିଅନ୍ତୁ ଏବଂ ଆମ ସହିତ ଅର୍ଥାତ୍ ଅବିଶ୍ୱାସକାରୀମାନଙ୍କ ସହିତ ମିଶି ଯାଆନ୍ତୁ ଏବଂ ସେମାନେ ଆଭ୍ୟନ୍ତର ପଟୁ ମଦିନାବାସୀଙ୍କ ଉପରେ ଆକ୍ରମଣ କରିଦିଅନ୍ତୁ । ସୁତରାଂ ଉକ୍ତ ଭୟଙ୍କର ଷଡ଼ଯନ୍ତ୍ରକୁ ବ୍ୟବହାରିକ ରୂପ ଦେବା ନିମନ୍ତେ ହୁୟଇ ବିନ୍ ଅଖ୍ତବ୍ ବନୁ କୁରେଜା ସଂପ୍ରଦାୟର ଅଧିପତି କାଆବ୍ ବିନ୍ ଅସଦ୍ କୁରେଜା ସଂପ୍ରଦାୟ ପାଖକୁ ଆସିଲା (ଗଲା) । କାଆବ୍ ଯେତେବେଳେ ତା'ର ଆଗମନର ଖବର ଶୁଣିଲା ସେତେବେଳେ ଦୁର୍ଗର ଦ୍ୱାର ବନ୍ଦ କରିଦେଲା । ହୁୟଇ ଯେତେବେଳେ ଦୁର୍ଗ ମଧ୍ୟରେ ପ୍ରବେଶ କରିବା ନିମନ୍ତେ ଅନୁମତି ଲୋଡ଼ିଲା ସେତେବେଳେ କାଆବ୍ ଦ୍ୱାର ଖୋଲିବାକୁ ଅସ୍ୱୀକାର କରିଦେଲା । ହୁୟଇ ଡାକ ମାରି କହିଲେ, ହେ କାଆବ୍ ! ତୋର ସର୍ବନାଶ ହେଉ । ଦ୍ୱାର ଖୋଲି ଦେ । କାଆବ୍ କହିଲା, ହେ ହୁୟଇ ! ତୁ ଜଣେ ଅଲକ୍ଷଣ ଓ ଅଶୁଭ ବ୍ୟକ୍ତି ଅଟୁ । ମୁଁ ମୁହମ୍ମଦ ସ.ଅଙ୍କ ସହିତ ଚୁକ୍ତି କରିସାରିଛି । ତେଣୁ ମୁଁ ଉକ୍ତ ପ୍ରତିଶୃତିକୁ ଆଉ ଭାଙ୍ଗି ପାରିବି ନାହିଁ । ମୁଁ ମୁହମ୍ମଦ ସ.ଅଙ୍କୁ ସର୍ବଦା ସତ୍ୟବାଦୀ ଏବଂ ଚୁକ୍ତି ପାଳନକାରୀ ଏବଂ ସତ୍ୟରକ୍ଷାକାରୀ ବ୍ୟକ୍ତି ରୂପେ ପାଇଅଛି । କାଆବ୍ ଏକ ପକ୍ଷରେ ଏହି ବିବୃତ୍ତି ରଖିଲା । କିନ୍ତୁ ଅପର ମୁହୂର୍ତ୍ତରେ ସେ ବଦଳି ଗଲା । ସେ ଅର୍ଥାତ୍ ହୁୟଇ ପୁନଶ୍ଚ କହିଲା, ହେ କାଆବ୍ ! ଦ୍ୱାର ଖୋଲି ଦେ । ମୁଁ ତୋ ସହିତ କିଛି ଗୁରୁତ୍ୱପୂର୍ଣ୍ଣ କଥାବାର୍ତ୍ତା କରିବି । କାଆବ୍ କହିଲା, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ମୁଁ ଏପରି କରିପାରିବି ନାହିଁ । କିନ୍ତୁ କିଛି ବାଦ ବିବାଦ ଏବଂ ଯୁକ୍ତି ତର୍କ ପରେ ପରିଶେଷରେ କାଆବ୍ ଯେତେବେଳେ ଦ୍ୱାର ଖୋଲିଦେଲା ସେତେବେଳେ ହୁୟଇ କହିଲା, ହେ କାଆବ୍ ! ତୋର ସର୍ବନାଶ ହେଉ । ମୁଁ ତୋ ନିକଟକୁ ଯୁଗର ସମ୍ମାନ, ଯଶ ଏବଂ ସମୁଦ୍ରର ତରଙ୍ଗ ଢେଉ ପରି ବିଶାଳ ସୈନ୍ୟ ବାହିନୀ ଆଣିଛି । ମୁଁ ତୋ ନିକଟକୁ କୁରେଶ୍‌ମାନଙ୍କର ବରିଷ୍ଠ ବ୍ୟକ୍ତି ଏବଂ ଅଧିପତିମାନଙ୍କୁ ଆଣିଛି । ହୁୟଇ ସମସ୍ତ ସଂପ୍ରଦାୟର ବିବରଣୀ ପ୍ରଦାନ କଲା । ଅର୍ଥାତ୍ ଯେଉଁ ସଂପ୍ରଦାୟମାନେ ନିଜର ସୈନ୍ୟବାହିନୀକୁ ଧରି ମଦିନାର ଚତୁର୍ଦିଗରୁ ମୁସଲମାନମାନଙ୍କର ଘେରାଉ କରିଥିଲେ ଏବଂ ତତ୍‌ସହିତ ଏହା ମଧ୍ୟ କହିଲେ, ଯେ, ଆମେମାନେ ପରସ୍ପର ମଧ୍ୟରେ ଏହି ଦୃଢ ପ୍ରତିଜ୍ଞା କରିଅଛୁ ଯେ, ଯେପର୍ଯ୍ୟନ୍ତ ଆମେମାନେ ମୁହମ୍ମଦ ସ.ଅ ଓ ତା'ର ସାଥିମାନଙ୍କର ମୂଳୋତ୍ପାଟନ କରିଦେଇ ନାହୁଁ ସେପର୍ଯ୍ୟନ୍ତ ଆମେମାନେ ଏଠାରୁ ଫେରିବୁ ନାହିଁ । ଆମେମାନେ ତହିଁରେ ସଫଳ ମଧ୍ୟ ହୋଇଯାଇ ଥାଆନ୍ତୁ ଯଦି ଆମ ମାର୍ଗରେ ଏହି ଖନ୍ଦକ୍ ଅର୍ଥାତ୍ ଗର୍ତ୍ତ ନଆସି ଥାଆନ୍ତା । କିନ୍ତୁ ଏହି ସମସ୍ତ କଥାକୁ ଶୁଣି ମଧ୍ୟ ବନୁ କୁରେଜାର ଅଧିପତି କାଆବ୍ ବିନ୍ ଅସଦ୍ ଉକ୍ତ ଚୁକ୍ତିକୁ ଭଙ୍ଗ କରିବାକୁ ପ୍ରସ୍ତୁତ ହେଲା ନାହିଁ । ସେ କହିଲା, ହେ ହୁୟଇ ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ! ତୁ ମୋ ପାଖକୁ ତିରସ୍କାରର ଏପରି ମେଘ ବଉଦ୍ (ବାଦଲ) ଆଣିଛୁ ଯେଉଁ ବଉଦରେ (ବାଦଲରେ) ପାଣି ନାହିଁ । ତାହା କେବଳ ଗର୍ଜନ ଏବଂ ଚମକ ପ୍ରଦର୍ଶନ କରିଥାଏ । ତହିଁରେ କିଛି ବିଶେଷ ଜିନିଷ ଅର୍ଥାତ୍ ଜଳ ନାହିଁ । ଅର୍ଥାତ୍ ଗରଜିଲା ମେଘ ବରଷେ ନାହିଁ ।

ହେ ହୁୟଇ ! ତୋର ସର୍ବନାଶ ହେଉ ! ତୁ ମୋତେ ମୋର ଅବସ୍ଥାରେ ଛାଡ଼ି ଦେ । କାରଣ ମୁଁ ମୁହମ୍ମଦ ସ.ଅଙ୍କୁ ସର୍ବଦା ସତ୍ୟବାଦୀ ଏବଂ ପ୍ରତିଶୃତି ରକ୍ଷାକାରୀ ବା ଅଙ୍ଗୀକାର ପୂର୍ଣ୍ଣକାରୀ ବ୍ୟକ୍ତି ରୂପେ ପାଇଅଛି । ମୋତେ ମୋତ ଅବସ୍ଥାରେ ଛାଡ଼ିଦେ । କାରଣ ମୁଁ ମୁହମ୍ମଦ ସ.ଅଙ୍କୁ ସର୍ବଦା ସତ୍ୟବାଦୀ ଏବଂ ବିଶ୍ୱସ୍ତ ଏବଂ ସତ୍ୟ ରକ୍ଷାକାରୀ ବ୍ୟକ୍ତି ରୂପେ ପାଇଅଛି । ସେ ବାରମ୍ବାର ଉକ୍ତ କଥାକୁ କହୁଥିଲା ଯେ, ଆଁହଜରତ ସ.ଅ ସତ୍ୟବାଦୀ ଏବଂ ପ୍ରତିଜ୍ଞା ପୂର୍ଣ୍ଣକାରୀ ବ୍ୟକ୍ତି ଅଟନ୍ତି । ସେ ଆମମାନଙ୍କ ଉପରେ ନା କୌଣସି ବଳ ପ୍ରୟୋଗ କରୁଛନ୍ତି, ନା ଆମ ଉପରେ ଜୋର ଜବରଦସ୍ତ କରୁଛନ୍ତି ଓ ନା ହିଁ ଆମମାନଙ୍କ ଧର୍ମରେ କୌଣସି ପ୍ରକାରର ହସ୍ତକ୍ଷେପ କରୁଛନ୍ତି । ସେ ଆମମାନଙ୍କର ସର୍ବୋତ୍କୃଷ୍ଟ ପଡ଼ୋଶୀ ଅଟନ୍ତି । ଅତଏବ୍ ତୁମେ ଫେରିଯାଅ । ଏପରି ନହେଉ ଯେ, ତୁମମାନଙ୍କର ଯେଉଁ ଅବସ୍ଥା (ଦଶା) ତଥା ପରଣାମ ହୋଇଥିଲା ସେହି ପରିଣାମ ଆମମାନଙ୍କର ନହେଉ ।

ହୁୟଇ କିନ୍ତୁ କାଆବ୍‌କୁ ତେଲେଇ ଚାଲିଥିଲା ଏବଂ ବୁଝାସୁଝା କରୁଥିଲା । ଏପର୍ଯ୍ୟନ୍ତକି ସେ ନିଜର ସଂପ୍ରଦାୟ ଏବଂ ବନୁ କୈନ୍‌କା ସଂପ୍ରଦାୟର ଦୁଃଖ ଏବଂ ଦୁର୍ଦ୍ଦଶାର ଚର୍ଚ୍ଚା କଲା । ଏହି ସମସ୍ତ ଦୁଃଖ କଷ୍ଟ ସେହି ମୁସଲମାନମାନଙ୍କ ଯୋଗୁଁ ଆମମାନଙ୍କୁ ଭୋଗିବାକୁ ଏବଂ ସହ୍ୟ କରିବାକୁ ପଡୁଛି । ଏପର୍ଯ୍ୟନ୍ତକି ସେ କାଆବ୍‌ର ହୃଦୟକୁ କୋମଳ କରିବାରେ ସଫଳ ହେବାକୁ ଲାଗିଲା । କାଆବ୍ ମଧ୍ୟ ଶେଷରେ ତା' ପ୍ରରୋଚନାରେ (କଥାରେ) ଆସିଗଲା । କାଆବ୍‌ର ଯେଉଁ ସ୍ୱଭାବ ଅର୍ଥାତ୍ ଚୁକ୍ତି ଭଙ୍ଗର ଯେଉଁ ଅଭ୍ୟାସ ରହିଥିଲା ତାହା ଅଭିଭୂତ (ସତେଜ) ହେବାକୁ ଲାଗିଲା । ସେ ଅର୍ଥାତ୍ କାଆବ୍ ହୁୟଇକୁ କହିଲା, ହେ ହୁୟଇ ! ମୁଁ ଯଦି ତୁମର କଥା ମାନିନିଏ । କିନ୍ତୁ କୁରେଶ୍ ଓ ଗତ୍‌ଫାନ ସଂପ୍ରଦାୟମାନେ ଯଦି ଫେରିଗଲେ ଓ ମୁହମ୍ମଦ ସ.ଅଙ୍କୁ ସେମାନେ ନାଉଜୁବିଲ୍ଲାଃ ହତ୍ୟା କରିପାରିଲେ ନାହିଁ ତେବେ ଆମ ଅବସ୍ଥା କ'ଣ ହେବ ତୁମେ ଜାଣିଛ ଟି ? ପ୍ରତ୍ୟୁତ୍ତରରେ ହୁୟଇ କହିଲା, ହେ କାଆବ୍! ତୁମେ ଆଦୌ ବ୍ୟସ୍ତ ବିବ୍ରତ ହୁଅ ନାହିଁ ଏବଂ ଚିନ୍ତିତ ହୁଅ ନାହିଁ । ଏଭଳି ପରିସ୍ଥିତିରେ ମୁଁ ତୁମ ସହିତ ଏବଂ ତୁମର ଦୁର୍ଗରେ ପ୍ରବେଶ କରିଯିବି । ତୁମର ଉପରେ ଯେଉଁ ବିପତ୍ତି ଆସିବ ମୋ ଉପରେ ମଧ୍ୟ ସେହି ବିପତ୍ତି ଆସିବ ।

ଉପରୋକ୍ତ ସମସ୍ତ କଥୋପକଥନ ପରେ ପରିଶେଷରେ କାଆବ୍ ବିନ୍ ଅସଦ୍ ରସୁଲୁଲ୍ଲାଃ ସ.ଅଙ୍କ ସହିତ କିରଥିବା ଚୁକ୍ତିକୁ ଭାଙ୍ଗିଦେଲା । ଇତ୍ୟବସରରେ କାଆବର ସାଥି ଅମ୍ର ବିନ୍ ସୋଅଦା ତାଙ୍କୁ ଉପଦେଶ ଦେଲା ଏବଂ ସେମାନଙ୍କର କୁକର୍ମ ଯୋଗୁଁ ସେମାନଙ୍କୁ ଭୟଭୀତ କଲେ ଓ ସେମାନଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ଦୃଢ ଅଙ୍ଗୀକାର ସ୍ମରଣ କରାଇଦେଲ । ସେମାନଙ୍କୁ କହିଲେ, ତୁମେମାନେ ଯଦି ମୁହମ୍ମଦ ସ.ଅଙ୍କୁ ସାହାଯ୍ୟ କରୁ ନାହିଁ ତେବେ ତୁମେମାନେ ତାଙ୍କୁ ଓ ତାଙ୍କର ଶତ୍ରୁମାନଙ୍କୁ ଛାଡ଼ିଦିଅ । କିନ୍ତୁ ତୁମେମାନେ ଶପଥ ଭଙ୍ଗ କରି ବିରୋଧୀ ଆକ୍ରମଣକାରୀମାନଙ୍କୁ ସାହାଯ୍ୟ କର ନାହିଁ । ସେ ଅର୍ଥାତ୍ କାଆବ୍ ବିନ୍ ଅସଦ୍ ଉକ୍ତ କଥାକୁ ଅସ୍ୱୀକାର କରିଦେଲା ।

ଉକ୍ତ ସ୍ଥିତିକୁ ଦେଖି ବନୁ କୁରେଜା ସଂପ୍ରଦାୟ ମଧ୍ୟରୁ କେତେକ ସଦସ୍ୟ ଯେଉଁମାନେ ଇହୁଦୀମାନଙ୍କ ମଧ୍ୟରେ ପୁଣ୍ୟ ସ୍ୱଭାବର ଅଧିକାରୀ ଥିଲେ ସେମାନେ ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଚାଲିଗଲେ ଏବଂ ଇସ୍‌ଲାମ୍ ଧର୍ମ ମଧ୍ୟ ସ୍ୱୀକାର କରିନେଲେ । ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କୁ ବନୁ କୁରେଜା ସଂପ୍ରଦାୟର ଶପଥ ଭଙ୍ଗର ସୂଚନା ଯେତେବେଳେ ପ୍ରାପ୍ତ ହେଲା ସେତେବେଳେ ଆପଣ ର.ଅ ରସୁଲୁଲ୍ଲାଃ ସ.ଅଙ୍କୁ ଏହାର ସୂଚନା ସର୍ବ ପ୍ରଥମେ ପ୍ରଦାନ କଲେ । ତେବେ ଆଁହଜରତ ସ.ଅ ସାଆଦ୍ ବିନ୍ ମୁଆଜ୍ ର.ଅ ଓ ସାଆଦ୍ ବିନ୍ ଉବାଦାହ୍ ର.ଅଙ୍କୁ ମଧ୍ୟ ପ୍ରେରଣ କଲେ। ଏମାନେ ଦୁହେଁ ନିଜ ସଂପ୍ରଦାୟର ଅଧିପତି ଥିଲେ ଏବଂ ଏହି ଦୁହିଁଙ୍କ ସହିତ ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ, ଖୱାତ୍ ବିନ୍ ଜୁବୈର୍ ର.ଅଙ୍କୁ ମଧ୍ୟ ପ୍ରେରଣ କଲେ । ସେହିପରି ଏକ ବର୍ଣ୍ଣନାନୁଯାୟୀ ଏହି ଦୁହିଁଙ୍କ ସାଥିରେ ଉସୈଦ୍ ବିନ୍ ହୁଜୈର୍‌ଙ୍କୁ ମଧ୍ୟ ପ୍ରେରଣ କଲେ ଏବଂ କହିଲେ, ହେ ହୁଜୈର୍ ! ତୁମେ ଯାଅ ଓ ଯାଇ ଦେଖ କି ସେହି ସଂପ୍ରଦାୟ ସଂପର୍କରେ ମୋତେ ଯେଉଁ ସୂଚନା ପ୍ରାପ୍ତ ହୋଇଛି ତାହା ସତ କି ମିଛ ଅଟେ ? ଯଦି ସେମାନେ ଚୁକ୍ତି ପାଳନ କରୁଥିବେ ଏବଂ ଉକ୍ତ ସୂଚନାଟି ମିଥ୍ୟା ଅଟେ ତେବେ ଘୋଷଣା କରି ଉକ୍ତ କଥା ସମସ୍ତଙ୍କ ସମ୍ମୁଖରେ କହିଦେବ । ସୁତରାଂ ଉକ୍ତ ପ୍ରତିନିଧି ଦଳ ବନୁ କୁରେଜା ସଂପ୍ରଦାୟ ପାଖକୁ ଗଲା । ସେଠାରେ ଯେତେବେଳେ କାଆବ୍ ବିନ୍ ଅସଦ୍ ଓ ତା'ର ସାଥିମାନଙ୍କ ସହିତ ଉକ୍ତ ପ୍ରତିନିଧି ଦଳ କଥାବାର୍ତ୍ତା କଲା


**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

ସେତେବେଳେ ସେମାନଙ୍କର ଢଙ୍ଗଢାଙ୍ଗ ସଂପୂର୍ଣ୍ଣ ବଦଳି ଯାଇଥିଲା । ଅର୍ଥାତ୍ କହିବା ଶୈଳୀ ପରିବର୍ତ୍ତନ ହୋଇଯାଇଥିଲା । ଯେତେବେଳେ କାଆବ୍ ବିନ୍ ଅସଦକୁ କୁହାଗଲା ଯେ, ହେ କାଆବ୍ ! ତୁମେ ପରା ହ. ମୁହମ୍ମଦ ସ.ଅଙ୍କ ସହିତ ଚୁକ୍ତି କରିଛ । ପ୍ରତ୍ୟୁତ୍ତରରେ ସେ ତାଚ୍ଛଲ୍ୟ କରି କହିଲା, କିଏ ମୁହମ୍ମଦ୍ ଓ କିଏ ରସୁଲ୍ (ବାର୍ତ୍ତାବହ) ବା ? ଆମମାନଙ୍କର କୌଣସି ଚୁକ୍ତି ଫୁକ୍ତି ହୋଇ ନାହିଁ । ମୁଁ ଉକ୍ତ ଚୁକ୍ତିକୁ ଏପରି ଭଙ୍ଗ କରିଦେଇଛି ଯେପରି ଯୋତାର ଫିତାକୁ ଛିଣ୍ଡା ଦିଆଯାଇଥାଏ । ବର୍ଣ୍ଣନାନୁଯାୟୀ ଇତ୍ୟବସରରେ ଉଭୟ ପକ୍ଷଙ୍କ ତରଫରୁ କଟୁ ଭାଷା ମଧ୍ୟ ପ୍ରୟୋଗ ହୋଇଥିଲା। ସେ ଯାହା ହେଉ ଉକ୍ତ ପ୍ରତିନିଧି ଦଳ ସେଠାରୁ ଫେରି ଆସିଲା ଏବଂ ନବୀ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ଯେତେବେଳେ ସମସ୍ତ ବୃତ୍ତାନ୍ତ କହିଲା, ସେତେବେଳେ ମାଂସପେଶୀକୁ ସଂକୁଚିତ କରିଦେଉଥିବା ଏବଂ ଚୈତନ୍ୟାବସ୍ଥା ହରାଇ ଦେଉଥିବା ମୁହୂର୍ତ୍ତ ଅବସରରେ ରସୁଲୁଲ୍ଲାଃ ସ.ଅ କିଛି ସମୟ ନିରବ ରହିବା ପରେ କହିଲେ, ମୋ ଉପରେ କୌଣସି ପ୍ରଭାବ ପଡ଼ି ନାହିଁ । ସାଧାରଣ ବ୍ୟକ୍ତିର ତ' ମାଂଶପେଶୀ ସଂକୁଚିତ ହୋଇଯାଇଥାଏ । ଆପଣ ସ.ଅ କହିଲେ:

أَبْشِرُوْا يَا مَعْشَرَ الْمُؤْمِنِيْنَ بِنَصْرِ اللهِ تَعَالٰى وَعَوْنِهٖ

ଅର୍ଥାତ୍ ହେ ବିଶ୍ୱାସକାରୀମାନଙ୍କ ସଂପ୍ରଦାୟ ! ଅଲ୍ଲାଃତାଲାଙ୍କର ସାହାଯ୍ୟ ଓ ସମର୍ଥନର ସହିତ ପ୍ରସନ୍ନ ହୋଇଯାଅ । ଆପଣ ସ.ଅ ପୁନଶ୍ଚ କହିଲେ: ମୋର ଏହି ବିଶ୍ୱାସ ରହିଛି ଯେ, ସମୟ ଆସିବ ଯେତେବେଳେ ମୁଁ ଖାନା କାଆବାର ପରିକ୍ରମା କରୁଥିବି ଓ ଖାନା କାଆବାର କୁଞ୍ଜିକା ମୋ ହସ୍ତରେ ହେବ ଏବଂ କିସ୍ରା ଏବଂ କୈସର୍ ଅବଶ୍ୟ ବିନାଶ ହେବେ । କୈସର୍ ଓ କିସ୍ରାଙ୍କର ଧନ୍ ସମ୍ପତ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରାଯିବ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-373-374, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍)**

ବନୁ କୁରେଜା ସଂପ୍ରଦାୟର ବିଶ୍ୱାସଘାତକତାର ଚର୍ଚ୍ଚା କରି ହ. ମିର୍ଜା ବଶୀର୍ ଅହେମଦ୍ ସାହେବୋ ର.ଅ କୁହନ୍ତି: "ଅବୁ ସୁଫିୟାନ୍ ଏହି ଯୋଜନା କଲା ଯେ, ବନୁ ନୁଜୈର୍ ସଂପ୍ରଦାୟର ଇହୁଦୀ ସଂପ୍ରଦାୟର ଅଧିପତି ହୁୟଇ ବିନ୍ ଅଖତବ୍‌କୁ ଉକ୍ତ ନିର୍ଦ୍ଦେଶ ଦେଲା ଯେ, ସେ ରାତ୍ରର ଅନ୍ଧକାରର ପରଦାରେ ଆଢୁଆଳରେ ବନୁ କୁରେଜା ସଂପ୍ରଦାୟର ଦୁର୍ଗ ଅଭିମୁଖେ ଯାଉ ଏବଂ ତାଙ୍କର ଅଧିପତି କାଆବ୍ ବିନ୍ ଅସଦ ସହିତ ମିଳି ବନୁ କୁରୈଜା ସଂପ୍ରଦାୟକୁ ନିଜ ସହିତ ମିଶାଇବା ନିମନ୍ତେ ଉଦ୍ୟମ କରୁ । ସୁତରାଂ ହୁୟଇ ବିନ୍ ଅଖ୍ତବ୍ ସୁଯୋଗ ଦେଖି କାଆବ୍ ବାସ ଭବନରେ ପହଞ୍ଚିଲା । ପ୍ରଥମେ ପ୍ରଥମେ ତ' କାଆବ୍ ହୁୟଇ ବିନ୍ ଅଖ୍ତବ୍‌ର କଥା ଶୁଣିବାକୁ ଅସ୍ୱୀକାର କରିଦେଲା ଏବଂ କହିଲା, ହେ ହୁୟଇ ! ଆମ ସହିତ ମୁହମ୍ମଦ୍ ସ.ଅ ଚୁକ୍ତି ଏବଂ ଅଙ୍ଗୀକାର କରି ଏହାକୁ ଅତି ବିଶ୍ୱସ୍ତତାର ସହିତ ପାଳନ କରିଛନ୍ତି ତେଣୁ ମୁଁ ତାଙ୍କ ସହିତ ବିଶ୍ୱାସଘାତକତା କରିପାରିବି ନାହିଁ । କିନ୍ତୁ ହୁୟଇ ସାଆଦ୍ ବିନ୍ ଅଖ୍ତବ୍‌କୁ ଏପରି ସବୁଜ ଉଦ୍ୟାନ ଦେଖାଇଲା ଓ ଇସ୍‌ଲାମ୍ ଧର୍ମର ବିନାଶ ସଂପର୍କରେ ଆଶ୍ୱାସନା ଦେଲା । ସାଆଦ୍ ବିନ୍ ଅଖ୍ତବ୍ ନିଜର ପ୍ରତିଜ୍ଞା ତଥା ପ୍ରଣକୁ ବାରମ୍ବାର ଏବଂ ଦୃଢ଼ତାର ସହିତ ବର୍ଣ୍ଣନା କଲା ଯେ, ଯେପର୍ଯ୍ୟନ୍ତ ଆମେମାନେ ଇସ୍‌ଲାମ୍ ଧର୍ମକୁ ନିଶ୍ଚିହ୍ନ କରିଦେଇ ନାହୁଁ ସେପର୍ଯ୍ୟନ୍ତ ଆମେମାନେ ମଦିନାରୁ ଫେରିବୁ ନାହିଁ । ପରିଶେଷରେ ସାଆଦ୍ ବିନ୍ ଅଖ୍ତବ୍ ରାଜି ହୋଇଗଲା। ଏହିପରି ଭାବରେ ବନୁ କୁରେଜା ସଂପ୍ରଦାୟର ଶକ୍ତିର ଓଜନ ମଧ୍ୟ ସେହି ନିକିତିର ଓଜନରେ ଆସି ସାମିଲ୍ ହୋଇଗଲା ଯାହା ପୂର୍ବରୁ ହିଁ ଆନତ (ଢଳି) ହୋଇଥିଲା । ଅର୍ଥାତ୍ ସେହି ଅବିଶ୍ୱାସକାରୀମାନଙ୍କର ସଂଖ୍ୟା ତ' ପୂର୍ବରୁ ହିଁ ବହୁତ ଅଧିକ ଥିଲା । ତହିଁରେ ଆଉ ଏକ ଓଜନ ସେହି ଇହୁଦୀମାନଙ୍କର ଶପଥ ଭଙ୍ଗର ପଡ଼ିଗଲା । ଆଁହଜରତ ସ.ଅଙ୍କୁ ଯେତେବେଳେ ବନୁ କୁରେଜା ସଂପ୍ରଦାୟର ଏହି ଭୟଙ୍କର ବିଶ୍ୱାସଘାତକତା ସଂପର୍କରେ ଜ୍ଞାତ ହେଲା ସେତେବେଳେ ଆପଣ ସ.ଅ ପୂର୍ବରୁ ତ' ଦୁଇ ତିନି ଥର ଗୁପ୍ତ ଭାବରେ ଜୁବୈର୍ ବିନ୍ ଅଲ୍ ଅୱାମ୍‌ଙ୍କୁ ପରିସ୍ଥିତି ସଂପର୍କରେ ବୁଝିବା ନିମନ୍ତେ ପ୍ରେରଣ କଲେ । ପୁନଶ୍ଚ ନିୟମିତ ରୂପେ ଓସ୍ ସଂପ୍ରଦାୟ ଓ ଖଜରଜ୍ ସଂପ୍ରଦାୟର ଅଧିପତି ସାଆଦ୍ ବିନ୍ ମୁଆଜ୍ ର.ଅ ଓ ସାଆଦ୍ ବିନ୍ ଉବାଦାହ୍ ର.ଅ ଏବଂ ଅନ୍ୟ କେତେକ ପ୍ରଭାବଶାଳୀ ସାହାବାମାନଙ୍କୁ ଏକ ପ୍ରତିନିଧି ଦଳ ସ୍ୱରୂପେ ବନୁ କୁରୈଜା ଅଭିମୁଖେ ପ୍ରେରଣ କଲେ ଏବଂ ସେମାନଙ୍କୁ ଏହି ତାଗିଦ୍ କଲେ ଯେ, ଯଦି କୌଣସି ଚିନ୍ତାଜନକ ସୂଚନା ଥାଏ ତେବେ ପରସ୍ପର ମଧ୍ୟରେ ଆସି ଏହାର ଖୋଲମଖୋଲା ପରିପ୍ରକାଶ କରନ୍ତୁ ନାହିଁ । ବରଂ ସାମାନ୍ୟ ଇଙ୍ଗିତକୁ ବିନିଯୋଗ କରନ୍ତୁ । କାରଣ ଲୋକମାନଙ୍କ ମଧ୍ୟରେ ଗମ୍ଭୀର ଅସ୍ୟବ୍ୟସ୍ତତାର ସ୍ଥିତି ଯେପରି ନଉପୁଜୁ । ଯେତେବେଳେ ଏହି ଲୋକମାନେ ବନୁ କୁରେଜା ସଂପ୍ରଦାୟର ବ୍ୟକ୍ତିମାନଙ୍କ ମଧ୍ୟରେ ପହଞ୍ଚିଲେ ଓ ସେମାନଙ୍କର ଅଧିପତି କାଆବ୍ ବିନ୍ ଅସଦ୍ ପାଖକୁ ଗଲେ ସେତେବେଳ ଏହି ହତଭାଗ୍ୟ ବ୍ୟକ୍ତି ଅର୍ଥାତ୍ କାଆବ୍ ବିନ୍ ଅସଦ୍ ସେମାନଙ୍କୁ ଅତ୍ୟନ୍ତ ଅହଂକାରପୂର୍ବକ ଶୈଳୀରେ ସାକ୍ଷାତ୍ କଲା ଏବଂ ସାଆଦୈନ୍ ର.ଅଙ୍କ ପକ୍ଷରୁ ଚୁକ୍ତିର ଚର୍ଚ୍ଚା ହେବା ପରେ ସେ ଓ ତା' ସଂପ୍ରଦାୟର ଲୋକମାନେ ବିଗିଡ଼ି ଯାଇ କହିଲେ, ଯାଅ ମୁହମ୍ମଦ୍ ସ.ଅ ଓ ଆମମାନଙ୍କ ମଧ୍ୟରେ କୌଣସି ଚୁକ୍ତି ହୋଇ ନାହିଁ । ଉକ୍ତ ଶବ୍ଦକୁ ଶୁଣି ସାହାବାମାନଙ୍କର ପ୍ରତିନିଧି ମଣ୍ଡଳ ସେଠାରୁ ଉଠି ଚାଲି ଆସିଲା ଏବଂ ସାଆଦ୍ ବିନ୍ ମୁଆଜ୍ ର.ଅ ଓ ସାଆଦ୍ ବିନ୍ ଉବାଦହ୍ ର.ଅ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ଯଥୋଚିତ ଢଙ୍ଗରେ ଆଁହଜରତ ସ.ଅଙ୍କୁ ପରିସ୍ଥିତି ସଂପର୍କରେ ଅବଗତ କରାଇଲେ ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-584-585)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବେଳେବେଳେ ଆମମାନଙ୍କର ଯୁବକମାନେ ମଧ୍ୟ ଅଣଧର୍ମାବଲମ୍ବୀମାନଙ୍କର କଥା ଶୁଣି ପ୍ରଶ୍ନ କରି ଦିଅନ୍ତି ଯେ, ବନୁ କୁରୈଜା ଉପରେ ସେତେବେଳେ ଏହି ଅତ୍ୟାଚାର କାହିଁକି କରାଗଲା ? ପ୍ରତ୍ୟୁତ୍ତରରେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେମାନେ ଚୁକ୍ତି ଭଙ୍ଗ କିରଥିଲେ । ଅତଃ ସେମାନଙ୍କୁ ଦଣ୍ଡିତ କରାଯାଇଥିଲା । ବନୁ କୁରେଜା ଉପରେ ଆଁହଜରତ ସ.ଅଙ୍କ ପକ୍ଷରୁ କରାଯାଇଥିବା କାର୍ଯ୍ୟାନୁଷ୍ଠାନ କୌଣସି ଅନ୍ୟାୟ ନଥିଲା । ସେ ଯାହା ହେଉ ଏଥି ସଂକ୍ରନ୍ତରେ ଅତିରିକ୍ତ ବିବରଣୀ ମଧ୍ୟ ରହିଛି ଓ ହ. ମୁସଲେହ୍ ମଉଦ୍ ର.ଅ ମଧ୍ୟ ଅତ୍ୟନ୍ତ ବିସ୍ତୃତ ଭାବରେ ଏହାକୁ ବର୍ଣ୍ଣନା କରିଛନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏଥି ସଂକ୍ରାନ୍ତରେ ମୁଁ **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି ।

ହୁଜୁର ଅନ୍‌ୱର ଅ.ବ କହିଲେ, ଆଜିଠାରୁ ଖୁଦ୍ଦାମୁଲ୍ ଅହେମଦିୟାର ଇଜ୍‌ତିମା ଆରମ୍ଭ ହେଉଅଛି । ଖୁଦ୍ଦାମ୍‌ମାନଙ୍କୁ ଅନୁରୋଧ କି ସେମାନେ ତହିଁରୁ ଭରପୁର ଲାଭାନ୍ୱିତ ହେବା ନିମନ୍ତେ ଉଦ୍ୟମ କରନ୍ତୁ । ପାଣିପାଗର ଭବିଷ୍ୟବାଣୀ ହୋଇଛି ଯେ, ବର୍ଷା ହେବାର ସମ୍ଭାବନା ରହିଛି । ବର୍ଷା ମଧ୍ୟ ଲାଗି ରହିଥିଲା କିନ୍ତୁ ସେ ଯାହା ହେଉ ଅଲ୍ଲାଃତାଲାଙ୍କ କୃପାବତୀର୍ଣ୍ଣ କରନ୍ତୁ ଓ ଶାନ୍ତି ଶୃଙ୍ଖଳାର ସହିତ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ ହୋଇଯାଉ । ଏହି ଦିନମାନଙ୍କରେ ଖୁଦ୍ଦାମମାନେ ଆଧାତ୍ମିକ ଏବଂ ଶୈକ୍ଷିକ ସ୍ତରକୁ ବୃଦ୍ଧି କରିବା ନିମନ୍ତେ ଯଥେଷ୍ଟ ଉଦ୍ୟମ ମଧ୍ୟ କରନ୍ତୁ। ମୁଁ ଆପଣମାନଙ୍କୁ ଯେଉଁ ଦୁଆ ଓ ଦୁରୁଦ୍ ପ୍ରତି ଧ୍ୟାନ ଆକର୍ଷଣ କରିଥିଲେ ଓ ଆପଣମାନଙ୍କୁ ଏଥି ନିମନ୍ତେ ଆହ୍ୱାନ ଜଣାଇଥିଲି । ଏହି ଦିନମାନଙ୍କରେ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ ଓ ସର୍ବଦା ଦୁରୁଦ୍ ଶରୀଫ୍ ଓ ଆହ୍ୱାନ ଦେଇଥିବା ଦୁଆ ଗୁଡ଼ିକୁ ପୁନରାବୃତ୍ତି କରୁ ଥାଆନ୍ତୁ । ଅଲ୍ଲଃତାଲା ପ୍ରତ୍ୟେକ ପ୍ରକାରର ସୈତାନୀୟ ଆକ୍ରମଣରୁ ପ୍ରତ୍ୟେକ ଖୁଦ୍ଦାମ୍‌ଙ୍କୁ ସୁରକ୍ଷିତ ରଖନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଉତ୍ତମ ଚର୍ଚ୍ଚା କରିବି । ପ୍ରଥମ ଚର୍ଚ୍ଚା ହେଉଛି ରବ୍‌ୱାର ସ୍ୱର୍ଗତ ହବିବୁର୍ ରହେମାନ ଜେରୱୀ ସାହେବଙ୍କର । ବିଗତ ଦିନରେ 73 ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ହବିବ୍ ସାହେବ ଓସିୟତ୍ କରିଥିଲେ ଏବଂ ଜଣେ ୱାକ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଥିଲେ । ତାଙ୍କ ପିତାଶ୍ରୀଙ୍କ ନାମ ସୁଫି ଖୁଦା ବଖ୍‌ଶ୍ ଜେରୱୀ ଥିଲା । ତାଙ୍କ ବଂଶରେ ଅହେମଦିୟତ୍ ତାଙ୍କର ପିତାଶ୍ରୀ ଖୁଦା ବଖ୍‌ଶ୍ ଜେରୱୀ ସାହେବଙ୍କ ମାଧ୍ୟମରେ ଆସିଥିଲା । ଖୁଦା ବଖ୍‌ଶ୍ ଜେରୱୀ 1928 ମସିହାରେ ହ. ମୁସଲେହ୍ ମଉଦ୍ ର.ଅଙ୍କ ହସ୍ତରେ ବୈଅତ୍ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ହବିବୁର ରହେମାନ ଜେରୱୀ ସାହେବ ପ୍ରାରମ୍ଭିକ ଶିକ୍ଷା ରବ୍‌ୱାରୁ ପ୍ରାପ୍ତ କରିଥିଲେ । ପୁନଶ୍ଚ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଲାଇବ୍ରେରୀ ବିଜ୍ଞାନରେ ସ୍ନାତକୋତ୍ତରରେ ଏମ.ଏସ୍.ସି କରିଥିଲେ । 1981 ମସିହାରେ ସେ ନିଜର ଜୀବନକୁ ଜମାଅତ୍‌ର ସେବା ନିମନ୍ତେ ଉତ୍ସର୍ଗ କରି ଦେଇଥିଲେ ଏବଂ ତାଙ୍କର ୱକ୍‌ଫ୍ (ଉତ୍ସର୍ଗୀକୃତତାକୁ) ହୁଜୁର ସ୍ୱୀକାର ମଧ୍ୟ କରିନେଲେ । 1981 ମସିହାରେ ଇଷ୍ଟଣ୍ଟ ଲାଇବ୍ରେରିଆନ୍ ଭାବରେ ନିଯୁକ୍ତି ପାଇଥିଲେ । ତିନି ଚାରି ବର୍ଷ ଇନ୍‌ଚାର୍ଜ ଖିଲାଫତ୍ ଲାଇବ୍ରେରୀ ରୂପେ ମଧ୍ୟ ସେବା କରିବାକୁ ତାଙ୍କୁ ସାମର୍ଥ୍ୟ ଲାଭ ହୋଇଥିଲା । ଏତଦ୍‌ପରେ ପୁନଶ୍ଚ ନଜାରତ୍ ଇଶାଅତ୍‌ରେ ସେ ନିଯୁକ୍ତ ହୋଇଥିଲେ । ଆପଣ ତିନି ଚାରି ବର୍ଷ ଇନ୍‌ଚାର୍ଜ ଖିଲାଫତ୍ ଲାଇବ୍ରେରୀ ଭାବରେ ମଧ୍ୟ ସେବା କରିବାକୁ ତଥା ଦୟିତ୍ୱ ତୁଲାଇବାକୁ ସାମର୍ଥ୍ୟ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ଲାଭ ପାଇଥିଲେ । ଏତଦ୍‌ପରେ ନଜାରତ୍ ଇଶାଅତ୍‌କୁ ତାଙ୍କର ବଦଳି ହୋଇଥିଲା । ଏତଦ୍‌ପରେ ତାହିର୍ ଫାଉଣ୍ଡେସନରେ ତାଙ୍କର ବଦଳି ହୋଇଥିଲା । ସେତେବେଳେ ଆପଣ ନାମଏବ୍ ନାଜିର୍ ଦିୱାନ୍ ଭାବରେ ସଦର୍ ଅଞ୍ଜୁମନ ଅହେମଦିୟାର ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ଖୁଦାମୁଲ୍ ଅହେମଦିୟାରେ ମୁହ୍‌ତମିମ୍ (ଆୟୋଜକ) ରୂପେ ବିଭିନ୍ନ ସେବା କରିବାକୁ ଆପଣଙ୍କୁ ଅବସର ମିଳିଥିଲା । ଅନ୍‌ସାରୁଲ୍ଲାଃରେ ମଧ୍ୟ ମର୍କଜି କାଏଦ୍ (କେନ୍ଦ୍ରୀୟ ଖୁଦାମ୍ ନେତା) ରୂପେ ତାଙ୍କୁ ସେବା କରିବାର ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ସେ ଅତ୍ୟନ୍ତ ପରିଶ୍ରମର ସହିତ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଦ୍ୱାରା ବର୍ଣ୍ଣିତ ସିରତ୍ ହ. ମସିହ୍ ମଉଦ୍ ଅ.ସ (ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନୀ)ଙ୍କ ପୁସ୍ତକରୁ ଆଲେଖ୍ୟମାନ ସଂଗ୍ରହ ଓ ଉଦ୍ଧୃତ କରି ଏକ ପୁସ୍ତକ ମଧ୍ୟ ସଂକଳନ କରିଥିଲେ । ଉକ୍ତ ପୁସ୍ତକଟି '**ତଜ୍‌କିରତୁ ମେହ୍‌ଦୀ**' ନାମରେ ପ୍ରକାଶିତ ହୋଇଛି । ଏତଦ୍‌ଭିନ୍ନ ଅନେକ ପାଣ୍ଡୁଲିପି ଉପରେ ଆପଣ କାର୍ଯ୍ୟ କରୁଥିଲେ। ସେହି ପାଣ୍ଡୁଲିପି ମଧ୍ୟରେ କେତେକ ପାଣ୍ଡୁଲିପି ଅପ୍ରକାଶିତ ଅବସ୍ଥାରେ ରହିଛି । ଅଲ୍ଲାଃତାଲା ସ୍ୱର୍ଗତ ହବିବୁର୍ ରହେମାନ୍ ସାହେବଙ୍କୁ ଗୋଟିଏ ପୁତ୍ର ସନ୍ତାନ ଦୁଇଟି କନ୍ୟା ସନ୍ତାନ ପ୍ରଦାନ କରିଛନ୍ତି । ଖିଲାଫତ୍ ସହିତ ତାଙ୍କର ଗଭୀର ସଂପର୍କ ଥିଲା । ଅତ୍ୟନ୍ତ ନିରବ ସ୍ୱଭାବ ଓ ନିଜ କାର୍ଯ୍ୟ ସହିତ ଧ୍ୟାନମଗ୍ନ ଥିବା ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ତାଙ୍କ ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ କରାଯାଉଥିଲା ତାହାକୁ ସେ ଶୃଙ୍ଖଳିତ ଢଙ୍ଗରେ ସମ୍ପାଦନ କରୁଥିଲେ । ସର୍ବଦା ୱକ୍‌ଫ୍ (ଉତ୍ସର୍ଗ)ର ଅଧିକାରକୁ ସମ୍ପାଦନ କଲେ ଏବଂ ପାଗଳଙ୍କ ପରି ସେବା କଲେ । ଅତ୍ୟନ୍ତ ମେଳାପୀ ସ୍ୱଭାବର ବ୍ୟକ୍ତି, ସ୍ମିତହାସ୍ୟ ସ୍ୱଭାବର ଓ ସ୍ମିତହାସ୍ୟ ପ୍ରକାଶକାରୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ଅଲ୍ଲାଃତାଲା ସ୍ୱର୍ଗତ ହବିବୁର୍ ରହେମାନ୍ ସାହେବଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ତାଙ୍କର ପୁଣ୍ୟାବଳୀକୁ ଅବ୍ୟାହାତ ଓ ଜାରି ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ। **ଆମିନ୍ ।**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଉଛି ସ୍ୱର୍ଗତ ଡାକ୍ତର ସୟେଦ୍ ରିୟାଜୁଲ୍ ହସନ୍ ସାହେବଙ୍କର । ତାଙ୍କର ମଧ୍ୟ ବିଗତ ଦିନରେ ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଅଲ୍ଲାଃତାଲାଙ୍କ କୃପାରୁ ଆପଣ ଓସିୟତ୍ କରିଥିଲେ । ବ୍ରିଗେଡ଼ିୟର୍ ଡାକ୍ତର ଜିୟାଉଲ୍ ହସନ୍ ସାହେବଙ୍କର ଆପଣ ସୁପୁତ୍ର ଥିଲେ । ସେ ନିଜର ଜୀବନକୁ ଉତ୍ସର୍ଗ କରିଦେଇଥିଲେ ଏବଂ ଜଣେ ଡାକ୍ତର (ଚିକିତ୍ସକ) ଭାବରେ ସେବା ସମ୍ପାଦନ କରୁଥିଲେ । ସ୍ୱଳ୍ପ ବୟସରୁ ହିଁ ସେ ଜମାଅତ୍‌ର ସେବା କରୁଥିଲେ । ମଜ୍‌ଲିସ୍ ନୁସ୍‌ରତ୍ ଯାହାଁ ଅଧୀନ ପ୍ରାୟ 20 ବର୍ଷରୁ ଊର୍ଦ୍ଧ୍ୱ କାଳ ୟୁଗାଣ୍ଡା, କେନିୟା, ଗ୍ୟାମ୍ବିୟା ଓ ପାକିସ୍ତାନରେ ମଧ୍ୟ ଭରପୁର ସେବା କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା । କେନିୟାରେ ଅନେକ ବର୍ଷ ସେବା କରିବା ପରେ ସେ ସ୍ପେଶାଲାଇଜେଶନ୍ ଓ ଜେନେରେଲା ସର୍ଜନର ଟ୍ରେନିଂ ନିମନ୍ତେ ଅନୁମତି ଲୋଡ଼ିଲେ ଓ ସେଠାରୁ ସେ ପାକିସ୍ତାନ ଚାଲିଗଲେ । ସେ ଅନେକ ମେଡ଼ିକାଲ ଡିପ୍ଲୋମା ଓ ସାର୍ଟିଫିକେଟ୍ ପ୍ରାପ୍ତ କରିଥିଲେ । ତାଙ୍କୁ ମେଡ଼ିକାଲ୍ ବିଶ୍ୱବିଦ୍ୟାଳୟରେ ଡାକ୍ତରମାନଙ୍କୁ ଆନାଟୋମୀ ବିଷୟରେ ଅଧ୍ୟାପନା ଦେବାକୁ ମଧ୍ୟ ସାମର୍ଥ୍ୟ ଲାଭ ହୋଇଥିଲା। ସ୍ୱର୍ଗତ ରିୟାଜୁଲ୍ ହସନ୍ ସାହେବ ଜଣେ ଉତ୍ତମ ତଥା ଦକ୍ଷ ଡାକ୍ତର ଥିଲେ। ଗ୍ୟାମ୍ବିୟାର ସ୍ଥାନୀୟ ଛାତ୍ରମାନଙ୍କୁ ସେ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଥିଲେ । ସେମାନଙ୍କ ଶିକ୍ଷାକୁ ସେ ସ୍ପନଶର୍ (ପ୍ରାୟୋଜିତ) କରୁଥିଲେ । କାମ ଖୋଜିବାରେ ସେମାନଙ୍କୁ ଆପଣ ସାହାଯ୍ୟ ମଧ୍ୟ କରୁଥିଲେ । ଅଭାବି ଓ ଦରିଦ୍ରମାନଙ୍କୁ ସେ ଆର୍ଥିକ ସାହାଯ୍ୟ କରିବା ନିମନ୍ତେ ସର୍ବଦା ତତ୍ପର ରହୁଥିଲେ। ତାଙ୍କର ସବୁଠୁ ବଡ଼ ବିଶେଷତା ଏହା ମଧ୍ୟ ଥିଲା ଯେ, ସେ ବହୁତ ଦୁଆକାରୀ ଏବଂ ତେହଜୁଦ୍ ନମାଜ ପାଠକାରୀ ବ୍ୟକ୍ତି ଥିଲେ । ଯୁବାବସ୍ଥାରୁ ହିଁ ସେ ତେହଜୁଦ୍ ନମାଜ ପାଠ କରିବାର ଅଭ୍ୟାସ ପକାଇଥିଲେ । ଆପଣଙ୍କୁ ଜାଣିଥିବା ଲୋକମାନେ ଆପଣଙ୍କ ସଂପର୍କରେ ଉଲ୍ଲେଖ କରନ୍ତି ଯେ, ଆପଣ ଅତ୍ୟନ୍ତ ମେଳାପୀ, ରୋଗୀମାନଙ୍କ ସହିତ ପ୍ରକୃତ ସହାନୁଭୂତି ଏବଂ ପ୍ରେମକାରୀ ବ୍ୟକ୍ତି ଥିଲେ । ଜଣେ ଉଦ୍ୟମୀ, ପରିଶ୍ରମୀ, ଉତ୍ସାହପୂର୍ଣ୍ଣ ଏବଂ ଅଲ୍ଲାଃତାଲାଙ୍କ ଉପରେ ଅଗାଧ ଭରସା ରହିଥିଲା ତାଙ୍କର । ଦୁଆକାରୀ, ମାନବବତ୍ସଳର ପ୍ରତୀକ ଥିଲେ । ଆପଣଙ୍କ ସ୍ୱଭାବରେ ବିନମ୍ରତା ଏବଂ ବିନୀତତା ଓ ସେବା କରିବାର ଅସୀମ ଉତ୍ସାହ ଭରି ରହିଥିଲା । ଅତ୍ୟନ୍ତ ପ୍ରସନ୍ନଚିତ୍ତ ବ୍ୟକ୍ତି ଥିଲେ । ୱାକଫେ ଜିନ୍ଦିଗୀମାନଙ୍କୁ ବହୁତ ସମ୍ମାନ ଜଣାଉଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତୃତୀୟ ଯନାଜାଃ ହେଉଛି ରବ୍‌ୱାର ସମ୍ମାନନୀୟ ସ୍ୱର୍ଗତ ପ୍ରଫେସର ଅବ୍‌ଦୁଲ୍ ଜଲିଲ୍ ସାହେବଙ୍କର । ବିଗତ ଦିନରେ ୫0 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଅଲ୍ଲାଃତାଲାଙ୍କ କୃପାରୁ ଆପଣ ମଧ୍ୟ ଓସିୟତ୍ କରିଥିଲେ । ରବ୍‌ୱାର୍ କୁରେଶୀ ଅବ୍‌ଦୁଲ୍ ଗନି ସାହେବଙ୍କର ଆପଣ ସୁଯୋଗ୍ୟ ସନ୍ତାନ ଥିଲେ । ତାଙ୍କ ବଂଶରେ ଅହେମଦିୟତ୍ ତାଙ୍କର ଦଦା ହ. ମିଆଁ କୁତୁବୁଦ୍ଦୀନ୍ ସାହେବ୍ ଅଫ୍ ଗୋଲିକି, ଜିଲ୍ଲା-ଗୁଜୁରାଟ ଏବଂ ଡେରା ଗାଜି ଖାଁର ନନା (ଅଜା) ହ. ମୌଲବୀ ମୁହମ୍ମଦ ଉସ୍‌ମାନ୍ ସାହେବଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ଜଲିଲ୍ ସାଦିକ୍ ସାହେବ ରାଜନୀତି ବିଜ୍ଞାନରେ ଏମ୍.ଏ ପାସ୍ କରିଥିଲେ । ପୁନଶ୍ଚ 1964 ମସିହାରେ ତାଲିମୁଲ୍ କଲେଜର ଇଂରାଜୀ ବିଭାଗରେ ନିୟମିତ ଅଧ୍ୟାପକ ଭାବରେ ନିଯୁକ୍ତ ହୋଇଥିଲେ । ପୁନଶ୍ଚ 1966 ମସିହାରେ ସେ ଇଂରାଜୀରେ ଏମ.ଏ କଲେ ଏବଂ ପୁନଃ ତାଲିମୁଲ୍ ଇସ୍‌ଲାମ୍ କଲେଜରେ ନିୟମିତ ଅଧ୍ୟାପକ ଭାବରେ ନିଯୁକ୍ତ ହେଲେ । ଅହରହ 39 ବର୍ଷ ପର୍ଯ୍ୟନ୍ତ ନିୟମିତ ଅଧ୍ୟାପନା ଦେଇ ସେ ସେବା ସମ୍ପାଦନ କରିଥିଲେ । ମୁଁ ମଧ୍ୟ କଲେଜ (ମହାବିଦ୍ୟାଳୟ)ରେ ତାଙ୍କର ଛାତ୍ର ରହିଅଛି । ମହୋଦୟ ଅତ୍ୟନ୍ତ ନିରବ ସ୍ୱଭାବ ଏବଂ ଅତ୍ୟନ୍ତ ପ୍ରେମର ସହିତ ଛାତ୍ରମାନଙ୍କୁ ଶିକ୍ଷାଦାନ କରୁଥିଲେ । ଆପଣ ଜଣେ ଆଦର୍ଶ ଅଧ୍ୟାପକ ଥିଲା । ଛାତ୍ରମାନଙ୍କ ସହିତ ଆପଣଙ୍କର ସୁସଂପର୍କ ଥିଲା । ଛାତ୍ରମାନଙ୍କୁ ସମ୍ମାନ ଜଣାଉଥିଲେ। ଅବସର ଗ୍ରହଣ କରିବା ପରେ 2003 ମସିହାରେ ସେ ନିଜର ଜୀବନକୁ ଉତ୍ସର୍ଗ କରିଦେଲେ । ତାଙ୍କର ନିଯୁକ୍ତି ସଦର୍ ଅଞ୍ଜୁମନ ଅହେମଦିୟାର ତର୍ବିୟତ୍ ଓ ରେକର୍ଡ଼ ବିଭାଗରେ ବିଭାଗୀୟ ମୁଖ୍ୟ ଭାବରେ ହୋଇଥିଲା । ସେହି କାର୍ଯ୍ୟାଳୟରେ ଆପଣ ନାଏବ୍ ନାଜିର୍ ଥିଲେ । ମଜ୍‌ଲିସ୍ ଖୁଦାମୁଲ୍ ଅହେମଦିୟାର ବିଭିନ୍ନ ସ୍ଥାନରେ ଆପଣ ମୁହ୍‌ତମିମ୍ ଭାବରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ଆପଣ ପାକିସ୍ତାନର ସଦର୍ (ସଭାପତି) ମଜ୍‌ଲିସ୍ ମଧ୍ୟ ଥିଲେ । ପୁନଶ୍ଚ 1983 ମସିହାରୁ ଆପଣ ପାକିସ୍ତାନର ମର୍କଜି କଜା କାର୍ଯ୍ୟାଳୟରେ କାଜି ମଧ୍ୟ ଥିଲେ। ନିଜ ସାହି ପଡ଼ିଶାର ସଭାପିତ ହେବାର ମଧ୍ୟ ତାଙ୍କୁ ଗୌରବ ପ୍ରାପ୍ତ ହୋଇଥିଲା । ତାଙ୍କର ଦୁଇଟି କନ୍ୟା ସନ୍ତାନ ଏବଂ ଗୋଟିଏ ପୁତ୍ର ସନ୍ତାନ ଅଛନ୍ତି । ସ୍ୱର୍ଗତ ଅବ୍‌ଦୁଲ୍ ଜଲିଲ୍ ସାହେବଙ୍କ ସଂକ୍ରାନ୍ତରେ ଉଲ୍ଲେଖକାରୀମାନେ ଠିକ୍ କୁହନ୍ତି: "ସ୍ୱର୍ଗତ ଅବ୍‌ଦୁଲ୍ ଜଲିଲ୍ ସାହେବ ଅତ୍ୟନ୍ତ ଉତ୍ତମ ତଥା ସାଧୁ ସ୍ୱଭାବର ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଆପଣ ଅନେକ ସମୟରେ ନିରବ ରହିବାକୁ ପସନ୍ଦ (ଭଲ ପାଉଥିଲେ) କରୁଥିଲେ। କିନ୍ତୁ ଯେତେବେଳେ ଆପଣ କଥା କହୁଥିଲେ ସେତେବେଳେ ସର୍ବଦା ଭାବି ଚିନ୍ତି ଓ ମାପିଚୁପି କଥା କହୁଥିଲେ । ଅତ୍ୟନ୍ତ ଧୈର୍ଯ୍ୟ, କୃତଜ୍ଞ ଓ ମିତବ୍ୟୟୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଅଭାବି ଲୋକମାନଙ୍କୁ ଗୋପନୀୟ ଭାବରେ ସ୍ୱହସ୍ତରୁ ଆର୍ଥିକ ସାହାଯ୍ୟ କରୁଥିଲେ । ଖିଲାଫତ୍ ସହିତ ଆପଣଙ୍କର ଗଭୀର ଓ ନିବିଡ଼ ସଂପର୍କ ଥିଲା । ଆପଣ ନିୟମିତ ଭାବରେ ହୁଜୁର ଅନ୍‌ୱର୍ ଅ.ବଙ୍କୁ ପତ୍ର ଲେଖୁଥିଲେ । ସ୍ୱର୍ଗତ ଜଲିଲ୍ ସାହେବଙ୍କର ମଧ୍ୟ ନିଜ ପାରିବାରିକ ସଂପର୍କ ମଧ୍ୟ ସୁଖକର ଥିଲା। ଆପଣ ଘରେ ନିଜର ପତ୍ନି ଏବଂ ଅଭିଭାବକମାନର ସେବା କରୁଥିଲେ ଏବଂ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ସ୍ୱର୍ଗତ ଜଲିଲ୍ ସାହେବଙ୍କର ଭାଇ ଉଲ୍ଲେଖ କରନ୍ତି ଯେ, ଭାଇ ଭଉଣୀମାନଙ୍କର ବହୁତ ଧ୍ୟାନ ରଖୁଥିଲେ ଏବଂ କର୍ତ୍ତବ୍ୟ ଭାବି ସେମାନଙ୍କର ସେବା କରୁଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପରବର୍ତ୍ତୀ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମୁନୀର୍ ଅହେମଦ ଝଙ୍ଗ୍ ସାହେବଙ୍କର । ବିଗତ ଦିନ ୫2 ବର୍ଷ ବୟସରେ ତାଙ୍କର ମଧ୍ୟ ଦେହାନ୍ତ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଅଲ୍ଲାଃତାଲାଙ୍କ କୃପାରୁ ଆପଣ ମଧ୍ୟ ଓସିୟତ୍ କରିଥିଲେ । ତାଙ୍କର ପିତାଶ୍ରୀ ସ୍ୱର୍ଗତ ଗୁଲାମ୍ ମୁହମ୍ମଦ ସାହେବ 1930 ମସିହାରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ବୈଅତ୍ କରିଥିଲେ ମାଷ୍ଟର ସାହେବ ଆଜନ୍ମ ଅହେମଦି ଥିଲେ । ଖୁଦାମୁଲ୍ ଅହେମଦିୟା ଏବଂ ଅନ୍‌ସାରୁଲ୍ଲାଃରେ ତାଙ୍କୁ ଦୀର୍ଘ 40 ବର୍ଷ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଆପଣ ଜିଲ୍ଲା କାଏଦ୍ ଥିଲେ । ଝଙ୍ଗର ନାଜିମ୍ ଜିଲ୍ଲା ରହିଥିଲେ । ପୁନଶ୍ଚ ଚିନିଓଟ୍ ଜିଲ୍ଲା ଗଠିତ ହେଲା ସେଠିକାର ମଧ୍ୟ ଆପଣ ନାଜିମ୍ ରହିଥିଲେ । ଅତ୍ୟନ୍ତ ନିଷ୍ପାପର ଏବଂ ଉତ୍ସର୍ଗୀ ସେବକଟିଏ ଥିଲେ । ଆପଣ ଜଣେ ଜନହିତୈଷୀ ବ୍ୟକ୍ତି ଓ ଅସ୍ତିତ୍ୱ ଥିଲେ । ଆପଣ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକ ଭାବରେ ଚାକିରୀ କରିଥିଲେ । ତାଙ୍କର ହଜାର ହଜାର ବିଦ୍ୟାର୍ଥୀ ଅଛନ୍ତି । ସେହି ଛାତ୍ରମାନେ ତାଙ୍କୁ ସମ୍ମାନ ଜଣାଉଥିଲେ। ସେ ଲୋକମାନଙ୍କ କାମରେ ଆସୁଥିଲେ ଆପଣ। ସରକାରୀ କାର୍ଯ୍ୟାଳୟରେ ଯିବା ନିମନ୍ତେ ମହୋଦୟ ସ୍ୱର୍ଗତ ମୁନୀର ସାହେବ ବିଶେଷ ରୂପେ ଅହେମଦିମାନଙ୍କ କାର୍ଯ୍ୟ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

କରୁଥିଲେ । ଆପଣ କେବଳ ସେମାନଙ୍କର କାମ କରୁ ନଥିଲେ ବରଂ ସେମାନଙ୍କୁ ସାହାଯ୍ୟ ମଧ୍ୟ କରୁଥିଲେ । କେବଳ ସାହାଯ୍ୟ କରୁ ନଥିଲେ ବରଂ ସେମାନଙ୍କୁ ନିଜ ଘରକୁ ଆଣି ସେମାନଙ୍କର ଅତିଥ ସତ୍କାର ମଧ୍ୟ କରୁଥିଲେ । ଲୋକମାନଙ୍କ ସହିତ ଥିବା ସଂପର୍କ ପରିଧି ଅତ୍ୟନ୍ତ ବ୍ୟାପକ ଥିଲା । ଏହି ସମସ୍ତ ସଂପର୍କକୁ ସେ ଜମାଅତ୍ ଏବଂ ଜମାଅତର ସଦସ୍ୟବୃନ୍ଦଙ୍କ ସେବା ନିମନ୍ତେ ବ୍ୟବହାର କରୁଥିଲେ । ଆପଣ କେବଳ ବ୍ୟକ୍ତିଗତ ଲାଭ ପ୍ରାପ୍ତ କରୁ ନଥିଲେ । କାରାବରଣ ଦଣ୍ଡ ଭୋଗୁଥିବା ଅହେମଦିମାନେ ହୁଅନ୍ତୁ ଅଣ ଅହେମଦିମାନେ ହୁଅନ୍ତୁ ଅବା ଅଣଅହେମଦିମାନେ ହୁଅନ୍ତୁ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ଓ କଲ୍ୟାଣ ନିମନ୍ତେ ଆପଣ କାର୍ଯ୍ୟ କରୁଥିଲେ । କାରାଗାରରେ ମଧ୍ୟ ସୁବିଧା ଉପଲବ୍ଧ କରାଇବା ଦିଗରେ ଆପଣ ବ୍ୟାପକ ଭାବରେ ଯୋଗଯୋଗ କରୁଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ମୁଁ ଓ ମୋର ସାଥିମାନେ ଯେତେବେଳେ ଜେଲରେ ଥିଲୁ ସେତେବେଳେ ଉକ୍ତ ଅବଧି ମଧ୍ୟରେ ଆପଣ ଆମମାନଙ୍କୁ ବହୁତ ସାହାଯ୍ୟ କରିଥିଲେ ଏବଂ ଆମମାନଙ୍କର ବହୁତ ସେବା କରିଥିଲେ । ଯେଉଁ ସୁବିଧା ସୁଯୋଗ ସାଧାରଣ କଏଦୀମାନଙ୍କ ନିମନ୍ତେ ଉପଲବ୍ଧ ନଥିଲା ସେହି ସୁବିଧା ସୁଯୋଗ ଜେଲର୍ ସାହେବଙ୍କ ସହିତ ବ୍ୟକ୍ତିଗତ ସଂପର୍କ ଥିବା ଯୋଗୁଁ ଆମମାନଙ୍କୁ ବଡ଼ ବଡ଼ ସୁବିଧା ସୁଯୋଗ ମଧ୍ୟ ଉପଲବ୍ଧ କରାଇଦେଲେ । ଅଲ୍ଲାଃତାଲାଙ୍କ କୃପାରୁ ସେ କୌଣସି ବିଶେଷ ବ୍ୟକ୍ତିର ସେବା କରିବାର ଉଦ୍ଦେଶ୍ୟ ନେଇ ସେବା କରୁ ନଥିଲେ। ବରଂ ଧନୀ ଦରିଦ୍ର ପ୍ରତ୍ୟେକ ବ୍ୟକ୍ତିଙ୍କ ସେବା କରିବା ନିମନ୍ତେ ସେ ସର୍ବଦା ତତ୍ପର ରହୁଥିଲେ । ସେ ସମୂହିକ ରୂପେ ସମସ୍ତ କଏଦୀମାନଙ୍କର ଉନ୍ନତି ତଥା କଲ୍ୟାଣ ନିମନ୍ତେ କାର୍ଯ୍ୟ କରୁଥିଲେ । ଆପଣ କାଦିୟାନ୍‌କୁ ବହୁତ ଭଲ ପାଉଥିଲେ। ପ୍ରାୟତଃ ଆପଣ ପ୍ରତ୍ୟେକ ବର୍ଷ କାଦିୟାନ ଯାଉଥିଲେ ଏବଂ ସେଠାରେ ଡିଉଟିରେ ମଧ୍ୟ ସାମିଲ୍ ହେଉଥିଲେ । ମର୍କଜର ପ୍ରତିନିଧିମାନେ ଯେତେବେଳେ ତାଙ୍କ ଜିଲ୍ଲାର ଗସ୍ତ କରୁଥିଲେ ସେତେବେଳେ ସେ ସେମାନଙ୍କୁ **(ଅବଶିଷ୍ଟାଂଶ....ପୃ-10ରେ)**

## ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିୟାନ୍‌ରେ ଡ୍ରାଇଭର (ବାହନ ଚାଳକ) ଚାକିରୀ (ପଦବୀ) ନିମନ୍ତେ ଘୋଷଣା !

(1) ପ୍ରାର୍ଥୀର ବୟସ 1୮ ବର୍ଷରୁ କମ ଓ 40ବର୍ଷରୁ ଉର୍ଦ୍ଧ୍ୱ ହୋଇ ନଥିବ। (2) ପ୍ରାର୍ଥୀ ସର୍ବନିମ୍ନ ଦଶମ ଶ୍ରେଣୀ ପାସ୍ କରିଥିବା ଉଚିତ୍ । (3) ପ୍ରାର୍ଥୀ ନିକଟରେ ଚାରି ଚକିଆ ଯାନ ଚଳାଇବାର ବୈଧ ଲାଇସେନ୍‌ସ୍ (ଅନୁଜ୍ଞପ୍ତି) ହେବା ଜରୁରୀ ଅଟେ । (4) ପ୍ରାର୍ଥୀ ନିମନ୍ତେ ଏହା ଆବଶ୍ୟକ ଯେ, ତା' ପାଖରେ କୌଣସି ସରକାରୀ ଅନୁଷ୍ଠାନ ହେଉ ଅବା ବେସରକାରୀ ଅନୁଷ୍ଠାନର ଡ୍ରାଇଭିଂର ସର୍ବନିମ୍ନ 2 ବର୍ଷର ବୈଧ ଡ୍ରାଇଭିଂର (ଯାନ ଚଳାଇବାର) ଅନୁଭବ ଥିବା ଉଚିତ୍ । ସେହିପରି ନିଜର ଆବେଦନ ଫର୍ମ ସହିତ ଉପର ଲିଖିତ ସର୍ତ୍ତାବଳୀ ଅନୁଯାୟୀ ପ୍ରାର୍ଥୀ ଅଭିଜ୍ଞତା ପ୍ରାପ୍ତ କରିଥିବ ଏବଂ ସେଠାକାର Experience Certificate ଉପସ୍ଥାପିତ କରିବା ମଧ୍ୟ ପ୍ରାର୍ଥୀ ପକ୍ଷେ ବାଧ୍ୟତାମୂଳକ ଅଟେ। (5) ପ୍ରାର୍ଥୀ ନିଜର ଜନ୍ମ ପ୍ରମାଣପତ୍ର ଉପସ୍ଥାପନ କରିବା ଏକାନ୍ତ ବିଧେୟ । (6) ପ୍ରାର୍ଥୀ ପାଇଁ ଲିଖିତ ପରୀକ୍ଷା ଓ ସାକ୍ଷାତକାର ଅର୍ଥାତ୍ ଇଣ୍ଟରଭ୍ୟୁରେ ଉତ୍ତୀର୍ଣ୍ଣ ହେବା ଜରୁରୀ ଅଟେ। (7) ପ୍ରାର୍ଥୀ ନିମନ୍ତେ ଲିଖିତ ପରୀକ୍ଷା ଏବଂ ସାକ୍ଷାତ୍‌କାରରେ ଉନ୍ନିତ ହେବା ସ୍ଥଳରେ ସେମାନଙ୍କର ଡ୍ରାଇଭିଂ ଟେଷ୍ଟ (ବାହାନ ଚାଳନା ପରୀକ୍ଷା) ମଧ୍ୟ ନିଆଯିବ। (୮) ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିଆନ୍‌ରୁ ମେଡ଼ିକାଲ୍ ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲ୍‌ର ମେଡ଼ିକାଲ୍ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ତଥା ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ । (୯) ଚାଳକ ପ୍ରାର୍ଥୀକୁ ଦ୍ୱିତୀୟ ଶ୍ରେଣୀ ତୁଲ୍ୟ ଆଲାଉନସ୍ (ଭତ୍ତା) ଏବଂ ଅନ୍ୟାନ୍ୟ ସୁବିଧା ସବୁ ପ୍ରଦାନ କରାଯିବ । (10) ଚୟନ ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ପ୍ରାରମ୍ଭିକ 5 ବର୍ଷ ପର୍ଯ୍ୟନ୍ତ ନିଜ ରହିବାର ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ । (11) କାଦିୟାନ୍ ଯିବା ଆସିବାର ଗସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

**(ନୋଟ୍**: ଲିଖିତ ପରୀକ୍ଷା, ସାକ୍ଷାତ୍‌କାର, ଡ୍ରାଇଭିଂ ଟେଷ୍ଟର ତାରିଖ ସଂକ୍ରାନ୍ତରେ ପ୍ରାର୍ଥୀକୁ ପରବର୍ତ୍ତୀ ସମୟରେ ସୂଚିତ କରି ଦିଆଯିବ)

**ଅଧିକ ତଥ୍ୟ ଜାଣିବା ନିମନ୍ତେ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ କାଦିୟାନ୍‌ର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 09682587713, କାର୍ଯ୍ୟାଳୟ:- 01872-501130, Email: diwan@qadian.in**

☆ ☆ ☆

## ପୃ-2ରେ ତଫ୍‌ସିର୍ (ବ୍ୟାଖ୍ୟା)ର ଅବଶିଷ୍ଟାଂଶ.....

ଯେତେବେଳେ ଅଲ୍ଲାଃତାଲାଙ୍କ ଠାରୁ ପବିତ୍ରତାର ବାସ୍ନା (ସୁଗନ୍ଧ) ଆସିଲା ସେତେବେଳେ ହ. ଆଦମ୍ ଅ.ସଙ୍କ ପଛରେ ସୈତାନ୍ ଧାଇଁଲା । ପୁନଶ୍ଚ ହ. ନୁହ୍ ଅ.ସ ଆସିଲେ ଏବଂ ସେ ଯେତେବେଳେ ଅଲ୍ଲାଃତାଲାଙ୍କ ଠାରୁ ପବିତ୍ରତାର ବାସ୍ନା ପ୍ରାପ୍ତ କଲେ ସେତେବେଳେ ସୈତାନ୍ ତାଙ୍କ ପଛରେ ପଡ଼ିଗଲା । ପୁନଶ୍ଚ ହ. ଇବ୍ରାହିମ୍ ଅ.ସ ଆସିଲେ ।

ହ. ଇବ୍ରାହିମ୍ ଅ.ସଙ୍କ ମାଧ୍ୟମରେ ଯେତେବେଳେ ପବିତ୍ରତାର ବାସ୍ନା (ସୁଗନ୍ଧ) ଚତୁର୍ଦ୍ଦିଗରେ ପ୍ରସାରିତ ହେଲା ସେତେବଳେ ତାଙ୍କ ପଛରେ ମଧ୍ୟ ସୈତାନ୍ ଧାଇଁଲା। ପୁନଶ୍ଚ ହ. ଶ୍ରୀରାମ, ଶ୍ରୀକୃଷ୍ଣ, ହ. ଜର୍ତିସ୍ତ୍ ଓ ହ. ଇସା ଅ.ସ ଓ ହ. ମୁହମ୍ମଦ ସ.ଅ ଆସିଲେ ସେତେବେଳେ ସେମାନଙ୍କ ପଛରେ ମଧ୍ୟ ସୈତାନ୍ ଧାଇଁଲା । ଯଦି ଏହି ସମସ୍ତ ମହାପୁରୁଷ ତଥା ଅବତାରମାନଙ୍କ ମଧ୍ୟରେ ପବିତ୍ରତାର ବାସ୍ନା (ସୁଗନ୍ଧ) ଆସି ନଥାଆନ୍ତା ତେବେ ସେମାନଙ୍କ ଉପରେ ଏକ ପକ୍ଷରେ ସୈତାନ୍ ଆକ୍ରମଣ କରି ନଥାଆନ୍ତା ।

ସେହି ସମସ୍ତ ଅବତାର ଏବଂ ମହାପୁରୁଷମାନଙ୍କର ବାସ୍ନା (ସୁଗନ୍ଧ) ସମାନ ପ୍ରକାରର ଥିଲା । ସେହି ବାସ୍ନା ଏକେଶ୍ୱରବାଦ ଥିଲା । ଅତଏବ୍ ସେହି ମହାପୁରୁଷ ଏବଂ ଅବତାରମାନଙ୍କ କାଳରେ ସୈତାନ୍ ଏକାପରି ଆକ୍ରମଣ କରିଥିଲା । କିନ୍ତୁ ଅଲ୍ଲାଃତାଲା କୁହନ୍ତି:

فَيَنْسَخُ اللّٰهُ مَا يُلْقِى الشَّيْطٰنُ ثُمَّ يُحْكِمُ اللّٰهُ اٰيٰتِهٖ وَاللّٰهُ عَلِيْمٌ حَكِيْمٌ ।

ଅର୍ଥାତ୍ ଅଲ୍ଲାଃତାଲା ସୈତାନ୍ ଦ୍ୱାରା ସୃଷ୍ଟି କରାଯାଇଥିବା ସମସ୍ତ ବାଧା ବିଘ୍ନକୁ ଦୂର କିରଦେଇ ଥାଆନ୍ତି । ଅଲ୍ଲାଃତାଲା ସେହି ଶିକ୍ଷାକୁ ସ୍ଥାପିତ କରିଦେଇ ଥାଆନ୍ତି ଯାହା ତାହାଙ୍କ ପକ୍ଷରୁ ଆସିଥାଏ । ଅଲ୍ଲାଃତାଲା ସର୍ବଜ୍ଞ ଓ ତତ୍ୱଜ୍ଞ ଅଟନ୍ତି । **(ତଫ୍‌ସିର୍ କବିର୍ ଭାଗ-6, ପୃ-71, ପ୍ରକାଶନ ସ୍ଥାନ-କାଦିଆନ, 2010 ମସିହା)**

## ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିୟାନ୍ ଅନୁଷ୍ଠାନରେ ସେବା କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଧ୍ୟାନ ଦିଅନ୍ତୁ !

### ଦ୍ୱିତୀୟ ଶ୍ରେଣୀୟ ଅଧସ୍ତନ କର୍ମଚାରୀଙ୍କ ନିମନ୍ତେ ସର୍ତ୍ତାବଳୀ :

(1) ପ୍ରାର୍ଥୀର ବୟସ 25 ବର୍ଷରୁ ଉର୍ଦ୍ଧ୍ୱ ଓ 1୮ ବର୍ଷରୁ କମ ହୋଇ ନଥିବ। (2) ପ୍ରାର୍ଥୀର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା 10+2 ରେ 45% ପ୍ରତିଶତ ନମ୍ବର ହେବା ଉଚିତ୍ । (3) ପ୍ରାର୍ଥୀ ଉର୍ଦ୍ଦୁ/ଇଂରାଜୀ କମ୍ପୋଜିଙ୍ଗ୍ (ଟାଇପିଙ୍ଗ୍) ଜାଣିଥିବା ଉଚିତ୍ ଓ ଟାଇପିଂ ସ୍ପିଡ୍ 25ଟି ଶବ୍ଦ ପ୍ରତି ମିନିଟ୍ ହେବା ଉଚିତ୍ । (4) ସାପ୍ତାହିକ ବଦର୍‌ରେ ପ୍ରକାଶିତ ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକୁ ବିଚାରକୁ ନିଆଯିବ । (5) ଦ୍ୱିତୀୟ ସ୍ତରର ଅଧସ୍ତନ କର୍ମଚାରୀମାନଙ୍କ ପରୀକ୍ଷା ନିମନ୍ତେ ଯେଉଁ ପାଠ୍ୟଖସଡ଼ା ରହିଛି ତାହା ନିମ୍ନ ଲିଖିତ ଅଟେ । ପ୍ରଶ୍ନ ପତ୍ରର ପ୍ରତ୍ୟେକ ଭାଗରେ ଉତ୍ତୀର୍ଣ୍ଣ ହେବା ଅନିର୍ବାର୍ଯ୍ୟ ଅଟେ ।

**ପ୍ରଥମ ଭାଗ** ☆ପବିତ୍ର କୁରଆନ୍ କରୀମ୍‌ର ନାଜିରା (ଦେଖି ପାଠ କରିବା) ସଂପୂର୍ଣ୍ଣ, ପ୍ରଥମ ପାରା ଅନୁବାଦ ସହିତ ☆ଚାଲିସ୍ ଜୱାହିର ପାରା ଅନୁବାଦ ସହିତ ☆ଅର୍କାନେ ଇସ୍‌ଲାମ୍, ନମାଜ୍ ସଂପୂର୍ଣ୍ଣ ଅନୁବାଦ ସହିତ **(30 ନମ୍ବର)**

**ଦ୍ୱିତୀୟ ଭାଗ** ☆କିଶ୍‌ତି ନୁହ୍, ବର୍କାତୁଦ୍ ଦୁଆ, ଦିନି ମାଲୁମାତ୍ ☆ଅକାଏଦ୍ ଜମାଅତ୍ ଅହେମଦିୟା ☆ଦୁର୍ରେ ସମିନ୍‌ରୁ ନଜମ୍ (ଶାନେ ଇସ୍‌ଲାମ୍) **(20 ନମ୍ବର)**

**ତୃତୀୟ ଭାଗ** ☆ ଇଂରାଜୀ ଇଣ୍ଟର୍ ମିଡ଼ିଏଟ୍ (10+2) ସ୍ତର ଅନୁଯାୟୀ **(20 ନମ୍ବର)**

**ଚତୁର୍ଥ ଭାଗ** ☆ ହିସାବ୍ ମ୍ୟାଟ୍ରିକ (ଆଫିସିକ ଇମ୍ପ୍ରେଷ୍ଟ ସଂପର୍କିତ ପ୍ରଶ୍ନ)**(20 ନମ୍ବର)**

**ପଞ୍ଚମ ଭାଗ** ☆ସାଧାରଣ ଜ୍ଞାନ (G.K) **(10 ନମ୍ବର)**

(6) ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କର ହିଁ ଉଣ୍ଟରଭ୍ୟୁ ହେବ । (7)ଲିଖିତ ପରୀକ୍ଷା, କମ୍ପ୍ୟୁଟର ଟେଷ୍ଟ ଓ ଇଣ୍ଟରଭ୍ୟୁରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ କାଦିୟାନ୍‌ରୁ ମେଡ଼ିକାଲ ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲର ମେଡ଼ିକାଲ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ଓ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ । (୮)ଚୟନ ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ନିଜର ରହିବାର ବ୍ୟବସ୍ଥା ସ୍ୱୟଂ କରିବାକୁ ପଡ଼ିବ। ପରେ ରହଣୀ ସଂପର୍କିତ ପ୍ରାପ୍ତ ଆବେଦନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ । (୯) ଯାତ୍ରା ବା ଗସ୍ତ ଖର୍ଚ୍ଚ କାଦିୟାନ୍ ଯିବା ଆସିବା ଇତ୍ୟାଦି ପ୍ରାର୍ଥୀ ନିଜେ ବହନ କରିବେ ।

**(ନୋଟ୍**: ପ୍ରାର୍ଥୀଙ୍କୁ ଇଣ୍ଟରଭ୍ୟୁର ତାରିଖ ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସୂଚିତ କରିଦିଆଯିବ)

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ କାଦିୟାନର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 09682587713, କାର୍ଯ୍ୟାଳୟ:- 01872-501130, Email: diwan@qadian.in**

☆ ☆ ☆

## ବିଗତ ବଦର୍ ସଂଖ୍ୟା-42, ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମା 12-01-2024ର ଅବଶିଷ୍ଟାଂଶ.....

ହୁଜୁର ଅନ୍‌ୱର୍ ଅ.ବ କହିଲେ ଯଦି ଘରେ ଏହି ପ୍ରକାରର ଚର୍ଚ୍ଚା ହେଉଥାଏ ତେବେ ଅଭିଭାବକମାନଙ୍କର ସନ୍ତାନମାନଙ୍କ ଉପରେ ବଡ଼ ସକାରାତ୍ମକ ପ୍ରଭାବ ପଡ଼ିଥାଏ । ଜମାଅତ୍ ଓ ଖିଲାଫତ୍‌କୁ ସ୍ୱର୍ଗତା ବହୁତ ଭଲ ପାଉଥିଲେ । ଅତ୍ୟନ୍ତ ନିର୍ଭୀକା ଏବଂ ଧାର୍ମିକ ସ୍ୱାଭିମାନୀନୀ ମହିଳାଟିଏ ଥିଲେ । ଜମାଅତ୍ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ବିରୁଦ୍ଧରେ କୌଣସି ପ୍ରକାରର ପଦେ କଥାକୁ ସେ ସହ୍ୟ କରିପାରୁ ନଥିଲେ । ନିୟମିତ ନମାଜ ପାଠ କାରୀଣୀ ମହିଳା ଥିଲେ । ସେ ଏତେକାଫ୍ ମଧ ନିୟମିତ ରୂପେ ବସୁଥିଲେ । କିନ୍ତୁ ଜୀବନର ଶେଷ କିଛି ବର୍ଷରେ ସେ ଏତେକାଫ ବସି ନଥିଲେ । ରମ୍‌ଜାନ୍ ମାସରେ ପବିତ୍ର କୁରଆନ୍ କରୀମ୍ ମଧ ତିନି ଚାରି ଥର ସଂପୂର୍ଣ୍ଣ ପାଠ କରୁଥିଲେ । ଚଲା ବୁଲା ଅବସ୍ଥାରେ ଦୁରୁଦ୍ ଶରୀଫ୍ ଏବଂ ଈଶ୍ୱର ଚର୍ଚ୍ଚା କରୁଥିଲେ । ଏକଦା ହଠାତ୍ ପଡ଼ିଯିବା ଦ୍ୱାରା ତାଙ୍କର ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିଲା । ଉଲ୍ଲେଖକାରୀମାନେ ଉଲ୍ଲେଖ କରନ୍ତି ଯେ, ତାଙ୍କର ସୁପୁତ୍ର ଆଦିଲ୍ ସାହେବ ଯେକି ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି, ସେ କୁହନ୍ତି ଯେ, ତାଙ୍କର ସାନ ଭାଇ ଯେତେବେଳେ ସେଠାକୁ ଅର୍ଥାତ୍ ତାଙ୍କର ଘରକୁ ଗଲେ ଏବଂ ଯେତେବେଳେ ସେ ଫେରିଥାଆନ୍ତେ ଠିକ୍ ସେତିକିବେଳେ ମାତାଶ୍ରୀ ତଳେ ପଡ଼ିଗଲେ ଏବଂ ତାଙ୍କର ଗୋଡ଼ ଭାଙ୍ଗିଗଲା । ତେବେ ମାତାଶ୍ରୀ ମୋତେ କହିଲେ, ପୁତ୍ର ! ତୁମେ ନିଜ ଡିଉଟିକୁ ଯାଅ ଏବଂ ନିକଟବର୍ତ୍ତୀ ଅନ୍ୟ ଗ୍ରାମରୁ ନିଜର ଭିଣୋଇଙ୍କୁ ଡାକିଆଣ । ସ୍ୱାଇଁଙ୍କ ସହିତ ହସ୍ପିଟାଲ୍ ଗଲେ ଏବଂ ନିଜର ପୁତ୍ରଙ୍କୁ କହିଲେ, ପୁତ୍ର ! ତୁମର ଏହି କର୍ତ୍ତବ୍ୟ ରହିଛି ଯେ, ତୁମେ ଧର୍ମ ସେବା ନିମନ୍ତେ ତୁରନ୍ତ ନିଜର ଡିଉଟିକୁ ଯିବା ଉଚିତ୍ ।

ନଓ୍ୱେଦ୍ ଆଦିଲ୍ ସାହେବ ଉଲ୍ଲେଖ କୁହନ୍ତି: "ମୁଁ ସାତ ବର୍ଷ ପରେ ଛୁଟିରେ ଘରକୁ ଗଲି । ତାଙ୍କ ସହିତ ସାକ୍ଷାତ୍ କଲି । ସେତେବେଳେ ସେ ମୋତେ ଏହି ଉପଦେଶ ଦେଲେ ଯେ, ଜୀବନ ଓ ମୃତ୍ୟୁ ଅଲ୍ଲାଃତାଲାଙ୍କ ହସ୍ତରେ ରହିଛି । କୌଣସି ବ୍ୟକ୍ତି ଏହା ଜାଣି ନାହିଁ ଯେ, ତା'ର ବେଳ ବା ସମୟ କେବେ ଆସିବ । ଅତଏବ୍ ଯଦି ଏପରି ସମୟ ଆସେ ତେବେ ସେପରିପ୍ରେକ୍ଷୀରେ ତୁମେ ନିଜର ଡିଉଟି ଛାଡ଼ି ଆସିବ ନାହିଁ । ସେହିଠାରେ ହିଁ ରହିବ ଯେଉଁଠି ତୁମେ ବର୍ତ୍ତମାନ ଅଛ । ହୁଜୁର ଅନ୍‌ୱର ଅ.ବ କହିଲେ, ତେଣୁ ମୁବଲ୍ଲିଗ୍ ସାହେବ ନିଜ ସେଣ୍ଟରରେ ଥିଲେ ଏବଂ ମାତାଶ୍ରୀଙ୍କ ଯନାଜାଃରେ ସାମିଲ୍ ହୋଇ ପାରିଲେ ନାହିଁ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପରବର୍ତ୍ତୀ ଯେଉଁ ଯନାଜାଃର ଚର୍ଚ୍ଚା ହେବ ସେ ହେଉଛନ୍ତି ବଶୀରାବାଦ ପ୍ରଦେଶର ରଶିଦ୍ ଅହେମଦ ଜମିର୍ ସାହେବଙ୍କ ପତ୍ନି ସମ୍ମାନନୀୟା ସ୍ୱର୍ଗତା ମୁବରକା ବେଗମ୍ ସାହେବାଙ୍କର । ବିଗତ ଦିନରେ ତାଙ୍କର ମଧ ପରଲୋକ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ତାଙ୍କ ବଂଶରେ ଅହେମଦିୟତ୍ ତାଙ୍କର ପିତାଶ୍ରୀ ସମ୍ମାନନୀୟ ଶ୍ରୀଯୁକ୍ତ ବାହାଓ୍ୱଲ୍ ହକ୍ ସାହେବଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ସେ 1948 ମସିହାରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ହସ୍ତରେ ବୈଅତ୍ କରିଥିଲେ । ମହୋଦାୟା ଅସଂଖ୍ୟା ସୁଗୁଣାବଳୀର ଅଧିକାରୀଣୀ ଥିଲେ । ପାଞ୍ଚବେଳା ନମାଜ ପାଠକାରୀଣୀ, ନିୟମିତ ତେହଜ୍ଜୁଦ୍ ପାଠକାରୀଣୀ, ନିଃସ୍ୱାର୍ଥପର ଭାବରେ ଜମାଅତ୍‌ର ସେବିକା, ପୁଣ୍ୟବାନ, ପବିତ୍ର ନାରୀ ଥିଲେ । ସେ ଜମାଅତ୍‌ର ଅନେକ ପଦ ପଦୀବରେ ଅଧିଷ୍ଠିତ ରହିଥିଲେ । ଜମାଅତ୍‌ର ଅନେକ ପଦ ପଦବୀରେ ତାଙ୍କୁ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଆପଣ ଲଜ୍‌ନାର ସଦର୍ ମଧ ରହିଥିଲେ । ଆପଣ ପ୍ରାୟ ସମଗ୍ର ଜୀବନ ଜମାଅତ୍‌ର ସେବାରେ ନିଜର ସମୟକୁ ଅତିବାହିତ କରିଦେଇଥିଲେ । ଶତାଧିକ ଛୋଟ ପିଲମାନଙ୍କୁ ସେ ପବିତ୍ର କୁରଆନ୍ କରୀମ୍ ପାଠ ପଢାଇଥିଲେ । ପରଦାର ବିଶେଷ ରୂପେ ସେ ଧାନ ରଖୁଥିଲେ । କନ୍ୟାମାନଙ୍କୁ ମଧ ପରଦା ନିମୟ ପାଳନ କରିବାକୁ ଅନୁପ୍ରାଣିତ କରୁଥିଲେ ।

ମହୋଦୟା ମାନବ ସେବାର କାର୍ଯ୍ୟଗୁଡ଼ିକରେ ପ୍ରତିସ୍ପର୍ଦ୍ଧିତ ଭାବରେ ଅଂଶ ଗ୍ରହଣ କରୁଥିଲେ । ଅଭାବି, ଦରିଦ୍ର, ବିଧବାମାନଙ୍କର ଆବଶ୍ୟକତାର ବିଶେଷ ରୂପେ ସେ ଧାନ ରଖୁଥିଲେ । ଅନେକ ଦରିଦ୍ର ଏବଂ ଅଭାବି ଅନାଥ କନ୍ୟାମାନଙ୍କ ବିବାହ ସମୟରେ ସେ ସାହାଯ୍ୟ କରିଥିଲେ । ଅନେକ ଝିଅମାନଙ୍କୁ ସେ ସିଲେଇ ଏବଂ ହସ୍ତ ଦ୍ୱାରା ବୁଣାବୁଣି କାମ ଶିଖାଇଥିଲେ । ପ୍ରତ୍ୟେକ ଶୁକ୍ରବାର ଦିନ ଶୁକ୍ରବାର ସମୟର ଦୁଇ ଘଣ୍ଟା ପୂର୍ବେ ମସ୍‌ଜିଦ୍ ଚାଲି ଯାଉଥିଲେ ଏବଂ ମହିଳା ବିଭାଗକୁ ଯାଇ ନିଜେ ସଫା ସଫି କାମ କରୁଥିଲେ ଓ ଏହାପରେ ନଓ୍ୱାଫିଲ୍ ନମାଜ୍ ପାଠ କରୁଥିଲେ । ସେ ଅତ୍ୟନ୍ତ ବିଶ୍ୱସ୍ତ ମହିଳା ଥିଲେ । ନିଜର ବିଶ୍ୱସ୍ତତା ଯୋଗୁଁ ଅନେକ ମହିଳାମାନେ ନିଜର ଗହଣା ଆଭୂଷଣ ଆଦି ତାଙ୍କ ପାଖରେ ସନ୍ତକ ରୂପେ ରଖି ଦେଉଥିଲେ । ଆପଣ ସେମାନଙ୍କ ସହିତ କେବେ ବି କଳି ଝଗଡ଼ା କରି ନାହାନ୍ତି, କଠୋରତା କରି ନାହାନ୍ତି, ଅଶିଷ୍ଟତା ପ୍ରଦର୍ଶନ କରି ନାହାନ୍ତି । ଆପଣ ସର୍ବୋଚ୍ଚ ଚରିତ୍ରର ଅଧିକାରୀଣୀ ଥିଲେ। ଅଲ୍ଲାଃତାଲାଙ୍କ କୃପାରୁ ଆପଣ ଓସିୟତ୍ କରିଥିଲେ । ସେ ଯେବେ ଠାରୁ ଓସିୟତ୍ କରଛନ୍ତି ସେବେଠାରୁ ନିଜ କନ୍ୟାମାନଙ୍କର ମଧ ଓସିୟତ୍ କରାଇଥିଲେ। ଏହିପରି ଗ୍ରାମରେ ଅନେକ ମହିଳାମାନଙ୍କୁ ମଧ ନିଜାମେ ଓସିୟତ୍‌ରେ ସାମିଲ୍ କରାଇ ଥିଲେ। ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ତାଙ୍କର ସ୍ୱାମୀ ମହୋଦୟଙ୍କ ବ୍ୟତୀତ ଗୋଟିଏ ପୁତ୍ର ସନ୍ତାନ ଏବଂ ପାଞ୍ଚ ଜଣ କନ୍ୟା ସନ୍ତାନ ଅଛନ୍ତି। ସେରାଲିଓନ୍‌ର ରକିମ ପ୍ରେସ୍‌ର ମୁବଲ୍ଲିଗ୍ ସିଲ୍‌ସିଲା ଶ୍ରୀମାନ୍ ଉସମାନ୍ ଅହେମଦ ସାହେବ ଓ ବୁର୍କିନାଫାସୋର ମୁବଲ୍ଲିଗ୍ ସାଆଦତ୍ ଅହେମଦ ସାହେବଙ୍କର ଆପଣ ଶାଶୁ ଥିଲେ। ସ୍ୱର୍ଗତା ମୁବାରକା ବେଗମ୍ ସାହେବାଙ୍କର ଦୁଇ ଝିଅ ମୁବଲ୍ଲିଗ୍ ସିଲସିଲାଙ୍କୁ ବିବାହ କରିଛନ୍ତି । ଏହି ଦୁଇ ଝିଅ ନିଜ ମାତାଶ୍ରୀଙ୍କ ଅନ୍ତିମ ସମୟରେ ମାତାଶ୍ରୀଙ୍କ ନିକଟରେ ଉପସ୍ଥିତ ନଥିଲେ । ନିଜ ନିଜ କର୍ମ ସ୍ଥାନରେ ଥିଲେ। ସ୍ୱର୍ଗତା ମୁବାରକ୍ ସାହେବାଙ୍କର ସୁପୁତ୍ରୀ ଆସିଫା ସାହେବା କୁହନ୍ତି ଯେ, ମୁଁ ନିଜର ସ୍ୱାମୀ ମହୋଦୟ ଉସ୍‌ମାନ୍ ଅହେମଦ୍ ସାହେବଙ୍କ ସହିତ ସେରାଲିଓନ୍‌ରେ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରୁଅଛ । କର୍ମଭୂମିରେ ସେବାରତ ଥିବା ହେତୁ ମାତାଶ୍ରୀଙ୍କ ଅନ୍ତିମ ସଂସ୍କାର (ଯନାଜାଃ)ରେ ଏବଂ କବର ଦେବାର ସାମିଲ୍ ହୋଇପାରି ନାହିଁ । ସେହିପରି ସାନ ଭଉଣି ମରିୟମ୍ ବୁଶ୍ରା ସାହେବା ମଧ ବୁର୍କିନା ଫାସୋରରେ ବାସ କରନ୍ତି । ସେ ମଧ ମାତାଶ୍ରୀଙ୍କ ଅନ୍ତିମ ସଂସ୍କାରରେ ସାମିଲ୍ ହୋଇପାରି ନାହାନ୍ତି। ଅଲ୍ଲାଃତାଲା ସେମାନଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ। ସ୍ୱର୍ଗତାଙ୍କ ପ୍ରତି ଅଲ୍ଲାଃତାଲା ସଦୟ ହୁଅନ୍ତୁ । ସ୍ୱର୍ଗତଙ୍କର ଦୁଆ ତାଙ୍କର ସନ୍ତାନ ସନ୍ତତିଙ୍କ ସପକ୍ଷରେ ଅଲ୍ଲାଃତାଲା ସ୍ୱୀକାର କରନ୍ତୁ । **ଆମିନ୍ ।**

☆--☆--☆

## ପୃ-09ରେ ବର୍ଣ୍ଣିତ ଖୁତ୍‌ବା ଜୁମା 20-09-24ର ଅବଶିଷ୍ଟାଂଶ.....

ଭରପୁର ସହଯୋଗ ମଧ କରୁଥିଲେ । ସ୍ୱର୍ଗତଙ୍କ ଉପରେ 1944 ମସାହେର ପାମ୍ଫ୍ଲେଟ ବାଣ୍ଟିବାର ମଧ ମକଦମା ଦାଏର୍ ହୋଇଥିଲା । କିନ୍ତୁ ସେ ଯାହା ହେଉ ପରବର୍ତ୍ତୀ ସମୟରେ ତାହା ଖାରଜ୍ ହୋଇଗଲା । ସ୍ୱର୍ଗତ ମୁନୀର୍ ସାହେବଙ୍କର କୌଣସି ସନ୍ତାନ ନଥିଲା । ସେ ନିଃସନ୍ତାନ ଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **(ଅଲ୍ ଫଜଲ୍ ଇଣ୍ଟନେସ୍‌ନାଲ୍, ଅକ୍ଟୋବରର୍ ମାସ 11 ତାରିଖ, 2024 ମସିହା, ପୃ-2-6)**

☆--☆--☆

## ପୃ-11ରେ ବର୍ଣ୍ଣିତ ଖୁତ୍‌ବା ଜୁମା 19-1-24ର ଅବଶିଷ୍ଟାଂଶ.....

ଏପର୍ଯ୍ୟନ୍ତକି ତୁମେମାନେ ନିଜର ପାଳନକର୍ତ୍ତାଙ୍କ ସମ୍ମୁଖରେ ଶହୀଦ୍ ହୋଇ ଉପସ୍ଥିତ ହୋଇଯାଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂଗ୍ରାମ କରୁଥାଅ ।

ହ. ସାବିତ୍ ବିନ୍ ଦହଦାହ୍ ର.ଅ ଅନସାରମାନଙ୍କୁ କହିଲେ, ହେ ଅନସାରମାନଙ୍କର ଦଳ ! ମୁହମ୍ମଦ ସ.ଅ ଯଦି ଶହୀଦ୍ ହୋଯାଆନ୍ତି ତେବେ ଅଲ୍ଲାଃତାଲା ଜୀବିତ ଅଛନ୍ତି। ସେ ଚୀରଞ୍ଜିବୀ ଅଟନ୍ତି । ତାଙ୍କୁ କେବେ ବି ମୃତ୍ୟୁ ଆସିବ ନାହିଁ । ତୁମେମାନେ ନିଜ ଧର୍ମ ସକାଶେ ଯୁଦ୍ଧ କର । ଅଲ୍ଲାଃତାଲା ତୁମମାନଙ୍କୁ ଅବଶ୍ୟ ବିଜୟ ପ୍ରଦାନ କରିବେ।

ଉକ୍ତ କଥାକୁ ଶୁଣି ଅନସାରୀମାନଙ୍କର ଏକ ଦଳ ଉଠିଲା ଏବଂ ସେମାନେ ହ. ସାବିତ୍ ର.ଅଙ୍କ ସହିତ ମିଶି ଅବିଶ୍ୱାସକାରୀମାନଙ୍କର ଉକ୍ତ ଦଳ ଉପରେ ଆକ୍ରମଣ କରିଦେଲା । ସେହି ଅବିଶ୍ୱାସକାରୀମାନଙ୍କତ ଦଳରେ ଖାଲିଦ୍ ବିନ୍ ୱଲିଦ୍, ଇକ୍ରମା ବିନ୍ ଅବୁ ଜହଲ୍, ଅମ୍ର ବିନ୍ ଆସ୍ ଏବଂ ଜିରାର୍ ବିନ୍ ଖତ୍ତାବ ଆଦି ପ୍ରମୁଖ ଅବିଶ୍ୱାସକାରୀମାନେ ରହିଥିଲେ । ମୁସଲମାନମାନଙ୍କର ଉକ୍ତ ସ୍ୱଳ୍ପ ଜମାଅତକୁ ଆକ୍ରମଣ କରୁଥିବାର ଦେଖି ଖାଲିଦ୍ ବିନ୍ ୱଲିଦ୍ ସେମାନଙ୍କ ଉପରେ ଘୋର ପାଲଟା ଆକ୍ରମଣ କଲା ଏବଂ ସାବିତ୍ର ବିନ୍ ଦହଦାହ୍ ର.ଅ ଓ ତାଙ୍କର ସାଥିମାନଙ୍କୁ ଶହୀଦ୍ କରିଦେଲା । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-489-490, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍ ଲେବନାନ୍-2012 ମସିହା)**

ଅସ୍ତବ୍ୟସ୍ତତାର ଉକ୍ତ ଅବସ୍ଥା ସଂକ୍ରାନ୍ତରେ ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ସିର୍ତ ଖାତମୁନ୍ ନବୀୟିନ୍ ସ.ଅରେ ଯାହା **(ଅବଶିଷ୍ଟାଂଶ....ପୃ-12ରେ)**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫକତା ଫି ସବିଲିଲ୍ଲାହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

## (ଖୁତ୍‌ବା ଜୁମା)

ନବୀ କରୀମ୍ ସ.ଅଙ୍କ ମୁଖମଣ୍ଡଳରୁ ରକ୍ତ ବୁନ୍ଦା ଟପ୍ ଟପ୍ ହୋଇ ପଡୁଥିଲା । ଆପଣ ସ.ଅ ସ୍ୱୟଂ ରକ୍ତ ପୋଛି ଯାଉଥିଲେ ଏବଂ କହୁଥିଲେ:

كَيْفَ يُفْلِحُ قَوْمٌ شَجُّوا نَبِيَّهُمْ وَ كَسَرُوْا رَبَاعِيَتَهُ وَهُوَ يَدْعُوهُمْ إِلَى اللهِ

ଅର୍ଥାତ୍ ସେହି ଜାତି କିପରି ସଫଳ ହୋଇ ପାରିବ ଯିଏ ନିଜର ଅବତାରକୁ ଆହତ କରିଦେଲା ଓ ତା ଥୋବଣୀ ସାମ୍ନା ପଟର 4ଟି ଦାନ୍ତ ଭାଙ୍ଗି ପକାଇଲା। ଅପରପକ୍ଷେ ସେହି ଅବତାର ସେମାନଙ୍କୁ (ନିଜ ଜାତିର ଲୋକମାନଙ୍କୁ) ଈଶ୍ୱରଙ୍କ ଆଡ଼କୁ ଡାକୁଛି ।

ହଠାତ୍ ରସୁଲୁଲ୍ଲାଃ ସ.ଅ ହ. ସାଆଦ୍ ବିନ୍ ମୁଆଜ୍ ର.ଅ ଓ ହ. ସାଆଦ୍ ବିନ୍ ଉବାଦାହ୍ ର.ଅଙ୍କ ମଧ୍ୟରେ ପ୍ରକଟ ହେଲେ ଏବଂ ଆମେମାନେ ଆପଣ ସ.ଅଙ୍କ ଚାଲି ଦ୍ୱାରା ଆପଣ ସ.ଅଙ୍କୁ ଚିହ୍ନି ପକାଇଲୁ ସେତେବେଳେ ଆମମାନଙ୍କ ଆନନ୍ଦର ସୀମା ଆଉ ନଥିଲା । ଏପରି ପ୍ରତିତ ହେଉଥିଲା ଯେପରିକି ନା ଆମେମାନେ ପରାସ୍ତ ହୋଇଥିଲୁ ଓ ନା ହିଁ ଆମମାନଙ୍କର କୌଣସି କ୍ଷତି ଘଟିଥିଲା । ଯେତେବେଳେ ସମସ୍ତ ମୁସଲମାନମାନେ ଆପଣ ସ.ଅଙ୍କୁ ଚିହ୍ନି ପକାଇଲେ ସେତେବେଳେ ସମସ୍ତେ ଆପଣ ସ.ଅଙ୍କ ଚତୁର୍ପାର୍ଶ୍ୱରେ କୀଟ ପତଙ୍ଗଙ୍କ ପରି ଏକତ୍ରିତ ହୋଇଗଲେ ।

ଯୁଦ୍ଧରେ ଏପରି ଏକ ସମୟ ମଧ୍ୟ ଆସିଲା ଯେ, ଆପଣ ସ.ଅଙ୍କ ଆଖପାଖରେ କେବଳ ତିନି ଜଣ ସାହାବାମାନେ ରହିଗଲେ ଓ ଅବିଶ୍ୱାସକାରୀମାନେ ବିଶେଷ ରୂପେ ରସୁଲ୍ କରୀମ୍ ସ.ଅଙ୍କ ଉପରେ ତୀର ବର୍ଷଣ ଆରମ୍ଭ କରିଦେଲେ । କିନ୍ତୁ ଉକ୍ତ ସନ୍ଧିକ୍ଷଣ ମୁହୂର୍ତ୍ତ ହେବା ସତ୍ତ୍ୱେ ଆପଣ ସ.ଅ ଅହରହ ଶତ୍ରୁମାନଙ୍କ ବିପକ୍ଷରେ ଛିଡ଼ା ହୋଇଥିଲେ ଏବଂ ନିଜ ସ୍ଥାନରୁ ଟିକିଏ (ପାଦେ) ବି ଘୁଞ୍ଚିଲେ ନାହିଁ ।

ହ. ତଲ୍‌ହା ର.ଅ ତଳେ ବସିଲଗଲେ ଏବଂ ଆଁହଜରତ ସ.ଅ ତାଙ୍କ ଉପରେ ନିଜର ପାଦ ରଖି ଚଟ୍ଟାଣ ଉପରେ ଚଢିଗଲେ । ହ. ଜୁବୈର୍ ର.ଅ କୁହନ୍ତି ଯେ, ମୁଁ ରସୁଲ୍ କରୀମ୍ ସ.ଅଙ୍କୁ ଏହା କହୁଥିବାର ଶୁଣିଲି ଯେ, ତଲ୍‌ହା ନିଜ ଉପରେ ବୈକୁଣ୍ଠକୁ ଅନିର୍ବାର୍ଯ୍ୟ କରିନେଲେ ।

ଓହୋଦ୍ ଯୁଦ୍ଧରେ ଆଁହୁଜୁର ସ.ଅଙ୍କୁ ପହଞ୍ଚିଥିବା କଷ୍ଟ, ଯନ୍ତ୍ରଣା ଏବଂ ସାହାବାମାନଙ୍କର ବଳିଦାନର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।
ହୁଜୁର ଅନ୍‌ୱର୍ ଅ.ବଙ୍କ ଜମାଅତର ସଦସ୍ୟବୃନ୍ଦଙ୍କୁ ପାଲେଷ୍ଟାଇନ୍‌ର ନିଷ୍ପେଷିତ ଲୋକମାନଙ୍କ ନିମନ୍ତେ ଦୁଆ କରିବା ନିମନ୍ତେ କ୍ରମାଗତ ଆହ୍ୱାନ ।
ସେହିପରି ମୁସଲମାନମାନଙ୍କୁ ଏକ ଜାତି ହେବା ନିମନ୍ତେ ହୁଜୁର ଅନ୍‌ୱର୍ ଅ.ବଙ୍କ ଆହ୍ୱାନ ।

ବର୍ତ୍ତମାନ ମୁସଲମାନମାନଙ୍କର ଏହି ଅବସ୍ଥା ହୋଇଯାଇଛି ଯେ, ସେମାନେ ଏକତ୍ରିତ ହୋଇ ପାଲେଷ୍ଟାଇନ୍‌ବାସୀଙ୍କୁ ବଞ୍ଚାଇବାକୁ ଚିନ୍ତା କରନ୍ତେ ସେମାନେ ସ୍ୱୟଂ ନିଜ ମଧ୍ୟରେ ଯୁଦ୍ଧ ଆରମ୍ଭ କରି ଦେଇଛନ୍ତି । ବର୍ତ୍ତମାନ ଏହା ଶୁଣିବାକୁ ମଧ୍ୟ ମିଳୁଛି ଯେ, ପାକିସ୍ତାନ ଏବଂ ଇରାନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଇଛି। ଦୁହେଁ ପରସ୍ପର ଉପରେ ବୋମା ବର୍ଷଣ କରୁଛନ୍ତି । ଅତଏବ୍ ଏହି ଭୟଙ୍କର ସ୍ଥିତି ଉତ୍ପନ୍ନ ହୋଇଯାଇଛି । ଅଲ୍ଲାଃତାଲା ହିଁ ଏହି ମୁସଲମାନ ରାଷ୍ଟ୍ରମାନଙ୍କୁ, ରାଜନେତାମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ସେମାନଙ୍କ ନିମନ୍ତେ ଦୁଆ କରନ୍ତୁ । ଭଗବାନ କରନ୍ତୁ କି ସେମାନେ ନିଜର ଅଭିପ୍ରାୟକୁ ହୃଦୟଙ୍ଗମ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ଏକ ଜାତି ହୋଇଯାଆନ୍ତୁ । ଆମିନ୍ ।

ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ନାତି ତଥା ସମ୍ମାନନୀୟ ସୟେଦ୍ ଦାଉଦ୍ ମୁଜଫ୍ଫର ଶାହ୍ ସାହେବଙ୍କ ସୁପୁତ୍ର ସୟେଦ୍ ମୌଲବୀ ଅହେମଦ ସାହେବ ଏବଂ ମେହଦୀୟାବାଦ୍, ଡୋରି ରିଜନ୍ ଏବଂ ବୁର୍କିନାଫାସର ସଦର (ସଭାପତି) ସମ୍ମାନନୀୟ ସ୍ୱର୍ଗତ ଆଗ୍ ମୁହମ୍ମଦ ସାହେବଙ୍କ ଉତ୍ତମ ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 19 JANUARY 2024 ମସିହା ଅନୁଯାୟୀ ୧୯/ ସୁଲହ୍ ୧୪୦୩ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ. أَمَّا بَعْدُ فَأَعُوذُ بِاللهِ مِنَ الشَّيْطٰنِ الرَّجِيْمِ. بِسْمِ اللهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَإِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ أَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଓହୋଦ୍ ଯୁଦ୍ଧ ସଂପର୍କରେ ବିଗତ ଖୁତ୍‌ବାରେ ଚର୍ଚ୍ଚା ଚାଲିଥିଲା । ଏଥି ସଂକ୍ରାନ୍ତରେ ମୁଁ ଅତିରିକ୍ତ ବର୍ଣ୍ଣନା ଆଲୋଚନା କରିବି । ଯେପରିକି ପୂର୍ବ ଖୁତ୍‌ବାରେ ବର୍ଣ୍ଣନା କରିଥିଲି ଯେ, ଶତ୍ରୁ ଏହି ଘୋଷଣା କଲା ଯେ, ଆଁହଜରତ ସ.ଅ **ନାଉଜୁବିଲ୍ଲାଃ** ଶହୀଦ ହୋଇଯାଇଛନ୍ତି । ଯେଉଁ ବ୍ୟକ୍ତି ବି ଆଁହଜରତ ସ.ଅଙ୍କ ଶାହାଦତ୍‌ର ଖବର ପ୍ରଚାର କରିଥିଲା ସେ ବହୁତ ଦୁଷ୍ଟ ବ୍ୟକ୍ତି ଥିଲା । ଉକ୍ତ ଶାହାଦତ୍‌ର ଖବର ଯେତେବେଳେ ମୁସଲମାନମାନେ ଶୁଣିଲେ ସେତେବେଳେ ମୁସଲମାନମାନଙ୍କର କେଉଁ ଅବସ୍ଥା ହେଲା ?

ଉକ୍ତ ଘଟଣାର ବିସ୍ତୃତ ବିବରଣୀରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ଇବ୍‌ନେ କମିୟାହ୍ ଯେତେବେଳେ ଏହା ଭାବିଲା କି ସେ ଆଁହଜରତ ସ.ଅଙ୍କୁ **ନାଉଜୁବିଲ୍ଲାଃ** ଶହୀଦ୍ କରିଦେଇଛି । ସେତେବେଳେ ସେ ଏହି ଡାକ ମାରିଲା ଯେ, ଆରେ ହେ ଲୋକମାନେ ! ମୁହମ୍ମଦ୍ ସ.ଅ ଶହୀଦ୍ ହୋଇଯାଇଛନ୍ତି । ସେହିପରି ଏହା ମଧ୍ୟ କୁହାଯାଏ ଯେ, ଘୋଷଣାକାରୀ ସୈତାନ ଥିଲା ଯିଏ ଯୁଆଲ୍ କିମ୍ବା ଜୁଆଲ୍ ବିନ୍ ସୁରାକାର ରୂପରେ ଥିଲା ।

ଜୁଆଲ୍ ପ୍ରାରମ୍ଭିକ ପୁଣ୍ୟବାନ୍ ମୁସଲମାନମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଏବଂ ସଫାବାସୀଙ୍କ ମଧ୍ୟରେ ସାମିଲ୍ ଥେଲେ । ଖନ୍ଦକ୍ ଅବସରରେ ଆଁହଜରତ ସ.ଅ ତାଙ୍କର ନାମ ପରିବର୍ତ୍ତନ କରି ଉମର୍ ରଖି ଦେଇଥିଲେ । ସେ ଯାହା ହେଉ ଉକ୍ତ କଥା ଶୁଣି ଲୋକମାନେ ଜୁଆଲ୍ ଆଡ଼କୁ ଧାଇଁଲେ ଏବଂ ତାଙ୍କର ପ୍ରାଣ ନେଇଯିବେ। କିନ୍ତୁ ପରେ ସେମାନେ କହିଲେ ଆରେ ଏହି ଘୋଷକ ବ୍ୟକ୍ତିକୁ ଛାଡ଼ି ଦିଅରେ । ସେ ଜୁଆଲ୍ ଅର୍ଥାତ୍ ଉମର୍ ର.ଅ କହିଲେ, ହେ ସାହାବାମାନେ ! ମୁଁ ତ' କୌଣସି ଘୋଷଣା କରି ନାହିଁ । ମୁଁ ନିର୍ଦ୍ଦୋଷ ଅଟେ । ଖୱାତ୍ ବିନ୍ ଜୁବୈର୍ ଓ ଅବୁ ବୁର୍ଦା ସାକ୍ଷ୍ୟ ପ୍ରଦାନ କଲେ, ଯେତେବେଳେ ଉକ୍ତ ଘୋଷଣା ହେଲା ସେତେବେଳେ ସେ ଅର୍ଥାତ୍ ଜୁଆଲ୍ ଓରଫ୍ ଉମର୍ ତାଙ୍କ ପାର୍ଶ୍ୱରେ ଯୁଦ୍ଧ କରୁଥିଲେ । ସେ ସାକ୍ଷ୍ୟ ପ୍ରଦାନ କଲେ ଯେ, ଆରେ ଏ ତ' ମୋ ସହିତ ମିଶି ଶତ୍ରୁମାନଙ୍କ ସହିତ ଯୁଦ୍ଧ ଲଢୁଥିଲେ। ଏହା ମଧ୍ୟ କୁହାଯାଏ ଯେ, ଘୋଷଣାକାରୀ ଅଜବ୍‌ବୁଲ୍ ଅକ୍‌ବା ଥିଲା । ସେ ତିନି ଥର ଏହି ଘୋଷଣା କଲା ଯେ, ମୁହମ୍ମଦ ସ.ଅ **ନାଉଜୁବିଲ୍ଲାଃ** ଶହୀଦ୍ ହୋଇଯାଇଛନ୍ତି । ଏଥି ସଂକ୍ରାନ୍ତରେ ଅନେକ କଥନ ରହିଛି ଯେ, ଉକ୍ତ ଘୋଷଣା କିଏ କରିଥିଲା ? ସମ୍ଭବତଃ ବିଭିନ୍ନ ଲୋକମାନେ ଭିନ୍ନ ଭିନ୍ନ ରୂପେ ଦେଖିଥାଇ ପାରନ୍ତି । ଭିନ୍ନ ଭିନ୍ନ ବ୍ୟକ୍ତି ଉକ୍ତ ଘୋଷଣା କରିଥାଇ ପାରନ୍ତି । ଅର୍ଥାତ୍ ଇବ୍‌ନେ କମିୟହା, ଇବ୍‌ଲିସ୍ ଓ ଅଜବ୍‌ବୁଲ୍ ଅକ୍‌ବାଙ୍କ ମଧ୍ୟରୁ ପ୍ରତ୍ୟେକ ଉକ୍ତ ଘୋଷଣା କରିଥାଇ ପାରନ୍ତି କିମ୍ବା କୌଣସି ସୈତାନ୍ (ପିଶାଚ) ପ୍ରବୃତ୍ତିର ବ୍ୟକ୍ତି ମଧ୍ୟ ଉକ୍ତ ଘୋଷଣା କରିପାରେ ।

ଉକ୍ତ ଖବର ଚତୁର୍ଦ୍ଦିଗରେ ବ୍ୟାପିବା କ୍ଷଣେ ମୁସଲମାନମାନଙ୍କ ମଧ୍ୟରୁ କେତେକ ଲୋକ କହିଲେ, ବର୍ତ୍ତମାନ ରସୁଲୁଲ୍ଲାଃ ସ.ଅ ଯେତେବେଳେ ଶହୀଦ୍ ହୋଇଯାଇଛନ୍ତି ତେବେ ତୁମେମାନେ ନିଜ ଜାତି ପାଖକୁ ଫେରିଚାଲ । ସେମାନେ ତୁମକୁ ଆଶ୍ରୟ ଏବଂ ଶାନ୍ତି ପ୍ରଦାନ କରିବେ । ପ୍ରତ୍ୟୁତ୍ତରରେ ଅନ୍ୟ କେତେକ ମୁସଲମାନେ କହିଲେ, ହେ ସାହାବାମାନେ ! ରସୁଲୁଲ୍ଲାଃ ସ.ଅ ଯଦିଚ ଶହୀଦ୍ ହୋଇଯାଇଛନ୍ତି **ନାଉଜୁବିଲ୍ଲାଃ** । କିନ୍ତୁ ତୁମେମାନେ ନବୀ ସ.ଅ ଓ ତାହାଙ୍କ ଧର୍ମ ସକାଶେ ଏବଂ ତାହାଙ୍କ ସନ୍ଦେଶ ନିମନ୍ତେ ଲଢିବ ନାହିଁ କି ? **(ଅବଶିଷ୍ଟାଂଶ.......ପୃ-10ରେ)**

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 24 OCTOBER 2024 Issue No. - 43

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-10ରେ ବର୍ଣ୍ଣିତ ଖୁତବା ଜୁମା 19-1-24ର ଅବଶିଷ୍ଟାଂଶ.....

ଉଲ୍ଲେଖ କରିଛନ୍ତି ତାହା ଏହିପରି ଅଟେ । ଆପଣ ର.ଅ କୁହନ୍ତି : "ମୁସଲମାନମାନେ ସେତେବେଳେ ତିନି ଭାଗରେ ବିଭକ୍ତ ହୋଇଯାଇଥିଲେ । ପ୍ରଥମ ଦଳ ହେଉଛି ସେହି ଦଳ ଯିଏ ଆଁହଜରତ ସ.ଅଙ୍କ ଶାହାଦତ୍ର ଖବର ଶୁଣି ଯୁଦ୍ଧ ଭୂମିରୁ ପଳାଇ ଯାଇଥିଲା । କିନ୍ତୁ ଉକ୍ତ ଦଳଟି ସ୍ୱଳ୍ପ ବ୍ୟକ୍ତି ବିଶିଷ୍ଟ ଥିଲା । ସେହି ଦଳରେ ହ. ଉସ୍ମାନ୍ ବିନ୍ ଅଫ୍ଫାନ ର.ଅ ମଧ୍ୟ ସାମିଲ୍ ଥିଲେ । କିନ୍ତୁ ଯେପରି ପବିତ୍ର କୁରଆନ୍ କରୀମ୍ରେ ଚର୍ଚ୍ଚା ହୋଇଛି ଯେ, ସେତେବେଳେ ବିଶେଷ ପରିସ୍ଥିତି ଏବଂ ସେହି ଲୋକମାନଙ୍କର ହୃଦୟର ବିଶ୍ୱାସ ଏବଂ ନିଷ୍ଠାକୁ ଦୃଷ୍ଟିରେ ରଖି ଅଲ୍ଲାଃତାଲା ସେମାନଙ୍କୁ କ୍ଷମା କରିଦେଲେ । ସେହି ଲୋକମାନଙ୍କ ମଧ୍ୟରୁ କେତେକ ଲୋକ ମଦିନା ପର୍ଯ୍ୟନ୍ତ ଯାଇ ପହଞ୍ଚି ଯାଇଥିଲେ ଏବଂ ଏହିପରି ଭାବରେ ମଦିନାରେ ମଧ୍ୟ ଆଁହଜରତ ସ.ଅଙ୍କ କାଳ୍ପନିକ ଶାହାଦତ୍ ଓ ଇସଲାମୀୟ ସୈନ୍ୟବାହିନୀର ପରାଜୟର ଖବର ପହଞ୍ଚିଗଲା । ଯଦ୍ଦ୍ୱାରାକି ସମସ୍ତ ସହରରେ ଏକ ହାହାକାର ପରିସ୍ଥିତ ସୃଷ୍ଟି ହୋଇଗଲା । ମୁସଲମାନ ମହିଳା ଏବଂ ପୁରୁଷମାନେ ପିଲା ବୁଢ଼ା ସମସ୍ତେ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନିତ ଅବସ୍ଥାରେ ସହରର ବାହାରକୁ ବାହାରି ଆସିଲେ ଏବଂ ଓହୋଦ୍ ଅଭିମୁଖେ ବାହାରି ପଡ଼ିଲେ । କେତେକ ଲୋକମାନେ ତ' ଶୀଘ୍ର ଶୀଘ୍ର ଦଉଡ଼ି ଦଉଡ଼ି ଯୁଦ୍ଧଭୂମିରେ ପହଞ୍ଚିଲେ ଏବଂ ଅଲ୍ଲାଃତାଲାଙ୍କ ନାମ ନେଇ ଶତ୍ରୁମାନଙ୍କ ଧାଡ଼ିରେ ପ୍ରବେଶ କଲେ । ଅର୍ଥାତ୍ ସେମାନେ ଯୁଦ୍ଧ ଆରମ୍ଭ କରିଦେଲେ । ଦ୍ୱିତୀୟ ଦଳରେ ସେହି ଲୋକମାନେ ଥିଲେ ଯେଉଁମାନେ ପଳାୟନ ତ' କରୁ ନଥିଲେ । କିନ୍ତୁ ଆଁହଜରତ ସ.ଅଙ୍କ ଶାହାଦତ୍ ସୂଚନା ଶୁଣି ଧୈର୍ଯ୍ୟହରା ହୋଇ ପଡ଼ିଥିଲେ କିମ୍ବା ସେମାନେ ବର୍ତ୍ତମାନ ଯୁଦ୍ଧ ଲଢ଼ିବାକୁ ନିରର୍ଥକ ବୋଲି ମନେକରୁଥିଲେ । ସେଇଥି ପାଇଁ ସେମାନେ ଯୁଦ୍ଧ ଭୂମିର ଏକ ପାର୍ଶ୍ୱକୁ ହଟିଯାଇ ମୁଣ୍ଡ ତଳକୁ ନୁଆଁଇ ବସି ପଡ଼ିଲେ ।"

ତୃତୀୟ ଦଳ ହେଉଛି ସେହି ଦଳ ଯିଏ ଅହରହ ଲଢୁଥିଲା । ସେମାନଙ୍କ ମଧ୍ୟରୁ ଏପରି କିଛି ଲୋକମାନେ ରହିଥିଲେ ଯେଉଁମାନେ ଆଁହଜରତ ସ.ଅଙ୍କ ଆଖପାଖରେ ଏକତ୍ରିତ ଥିଲେ ଏବଂ ସେମାନେ ଅତୁଳନୀୟ ପ୍ରାଣୋତ୍ସର୍ଗୀ ସାହାସିକତା ତଥା ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରୁଥିଲେ । ସେମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତି ଏପରି ଥିଲେ ଯେଉଁମାନେ ଯୁଦ୍ଧଭୂମିରେ ବିକ୍ଷିପ୍ତ ହୋଇ ଲଢୁଥିଲେ । ସେହି ଲୋକ ଏବଂ ଦ୍ୱିତୀୟ ଦଳର ଲୋକମାନଙ୍କୁ ଆଁହଜରତ ସ.ଅଙ୍କ ଜୀବିତ ହେବାର ସୂଚନା ଯେମିତି ପ୍ରାପ୍ତ ହେଲା ସେହି ମୁହୂର୍ତ୍ତରେ ସେମାନେ ପାଗଳଙ୍କ ପରି ଶତ୍ରୁ ସହିତ ଲଢ଼ି ଆପଣ ସ.ଅଙ୍କ ଆଖପାଖରେ ଏକତ୍ରିତ ହୋଇଯାଉଥିଲେ ।

ସେତେବେଳେ ଯୁଦ୍ଧାବସ୍ଥା ଏପରି ଥିଲା ଯେ, କୁରୈଶ୍ମାନଙ୍କର ସୈନ୍ୟବାହିନୀ ସମୁଦ୍ର ପରି ଅତି ଭୟଙ୍କର ଲହରୀ ପରି ଚତୁର୍ଦ୍ଦିଗରୁ ମାଡ଼ି ଆସୁଥିଲା । ଯୁଦ୍ଧ ଭୂମିରେ ପ୍ରତ୍ୟେକ ପାର୍ଶ୍ୱରୁ ତୀର, ଟେକା ପଥର ବୃଷ୍ଟି ହେଉଥିଲା। ପ୍ରାଣୋତ୍ସର୍ଗୀ ସାହାବାମାନେ ଉକ୍ତ ବିପତ୍ତି ତଥା ଅବସ୍ଥାକୁ ଦେଖି ଆଁହଜରତ ସ.ଅଙ୍କ ଆଖପାଖରେ କୁଣ୍ଡଳାକୃତି ବଳୟ କରି ଆପଣ ସ.ଅଙ୍କ ପବିତ୍ର ଶରୀରକୁ ନିଜ ଶରୀର ସହାଯ୍ୟରେ ଲୁଚାଇ ନେଲେ । କିନ୍ତୁ ତଥାପି ଯେତେବେଳେ ଆକ୍ରମଣର ବାୟୁ ପ୍ରବାତି ହେଉଥିଲା ସେତେବେଳେ ଏହି ହାତ ଗଣତି ଲୋକମାନେ ଏଣେତେଣେ ବିକ୍ଷିପ୍ତ ହୋଇଯାଉଥିଲେ । ଏଭଳି ପରିସ୍ଥିତିରେ ବେଳେବେଳେ ଆଁହଜରତ ସ.ଅ ସଂପୂର୍ଣ୍ଣ ରୂପେ ଏକୁଟିଆ ରହିଯାଉଥିଲେ । ଏହିଭଳି ଏକ ସନ୍ଧିକ୍ଷଣ ମୁହୂର୍ତ୍ତରେ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କ ଭାଇ ଉତ୍ବା ବିନ୍ ଅବି ୱକ୍କାସ୍ ଯେକି ଅବିଶ୍ୱାସକାରୀ ଥିଲା ସେ ପଥର ଖଣ୍ଡ ଆପଣ ସ.ଅଙ୍କ ମୁଖମଣ୍ଡଳ ଉପରକୁ ଫିଙ୍ଗିଲା । ଯଦ୍ଦ୍ୱାରାକି ଆପଣ ସ.ଅଙ୍କର ଦାନ୍ତ ଭାଙ୍ଗିଗଲା ଓ ଓଠ ଫାଟିଗଲା । ବର୍ତ୍ତମାନେ ଅଧିକ ସମୟ ବିତି ନଥିଲା କି ଆଉ ଏକ ପଥର ଅବଦୁଲ୍ଲାଃ ବିନ୍ ଶିହାବ୍ ଫୋପାଡ଼ିଲା । ସେ ଆପଣ ସ.ଙ୍କ ମଥାକୁ ପଥର ଫଙ୍ଗି ଆପଣ ସ.ଅଙ୍କ କପାଳକୁ ଆହତ କରିଦେଲା । କିଛି ସମୟ ପରେ ତୃତୀୟ ପଥର ଇବ୍ନେ କମିୟାହ୍ ଫୋପାଡ଼ିଲା । ଉକ୍ତ ପଥରଟି ଆପଣ ସ.ଅଙ୍କର ଗାଲରେ ବାଜିବା ଦ୍ୱାରା ଆପଣ ସ.ଅଙ୍କ ଗାଲ ଫୁଟିଗଲା । ଅର୍ଥାତ୍ ଆପଣ ସ.ଅଙ୍କ ମୁଗଫ୍ଫିର୍ ବା ଲୌହ ମୁକୁଟର ଦୁଇଟି କଣ୍ଟା ଆସି ଆପଣ ସ.ଅ ଗାଲରେ ଫୁଟି ରହିଗଲା । ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ନିଜ ଭାଇର ଏଭଳି ଆଚରଣକୁ ଦେଖି ଏତେ କ୍ରୋଧ ଜର୍ଜରିତ ହୋଇ ଉଠିଲେ ଯେ, ସେ କହୁଥିଲେ ଯେ, ମୁଁ ଶତ୍ରୁର ବଧ କରିବା ପାଇଁ ଏତେ ବ୍ୟଗ୍ର ଓ ଉତ୍ସାହିତ ନଥିଲି ଯେତେ ମୁଁ ଓହୋଦ୍ ଯୁଦ୍ଧ ଦିନ ନିଜର ଭାଇ ଉତ୍ବାର ବଧ ପାଇଁ ଉତ୍ସାହିତ ଏବଂ ବ୍ୟଗ୍ର ଥିଲି । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-493-494)**

ଏକ ସ୍ଥଳେ ହ. ମୁସଲେହ୍ ମଉଦ୍ ର.ଅ ଦୁଆ ସ୍ୱୀକୃତ ହେବାର ଯେଉଁ ଦାର୍ଶନିକପୂର୍ଣ୍ଣ ବିଷୟବସ୍ତୁ ରହିଛି ତତସଂକ୍ରାନ୍ତୀୟ ଦୀର୍ଘୋଉମୂଳକ ବୀବରଣ ପ୍ରଦାନ କରିଛନ୍ତି ଏବଂ ଓହୋଦ ଯୁଦ୍ଧରେ ସେହି ଘଟଣାର ମଧ୍ୟ ଚର୍ଚ୍ଚା କରିଛନ୍ତି । ଆପଣ ର.ଅ କୁହନ୍ତି: "ଇଂରେଜ ଜାତି ଯଦି ସତହୃଦୟ ହୋଇ ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ ହୋଇ ମୋ ନିକଟରେ ଦୁଆ ନିମନ୍ତେ ନିବେଦନ କରେ ତେବେ ସେହି ଜାତିକୁ ବିଜୟ ଅବଶ୍ୟ ପ୍ରାପ୍ତ ହେବ । ଉକ୍ତ କଥାଟି 1940 ମସିହାର ଦ୍ୱିତୀୟ ବିଶ୍ୱଯୁଦ୍ଧର କଥା ଅଟେ। ସେ ଯାହା ହେଉ ଆପଣ ର.ଅ କୁହନ୍ତି: "ଯଦି ଏହି (ଇଂରେଜ ଜାତି) ଲୋକମାନେ ମୋ ନିକଟରେ ଦୁଆ ନିମନ୍ତେ ନିବେଦନ କରନ୍ତି ତେବେ ସେପରିପ୍ରେକ୍ଷୀରେ ସେମାନଙ୍କୁ ବିଜୟ ପ୍ରାପ୍ତ ହେବ । ଏହା ଅଲ୍ଲାଃତାଲାଙ୍କ ଭବିଷ୍ୟବାଣୀ, ତାହାଙ୍କ ବାଣୀ ଓ ମୋର ସତ୍ୟ ସ୍ୱପ୍ନଗୁଡ଼ିକ ଅନୁଯାୟୀ ଅଟେ । ହ. ମସିହ୍ ମଉଦ୍ ଅ.ସ ସେହି ଜାତି ନିମନ୍ତେ ଦୁଆ କିରଛନ୍ତି । କିନ୍ତୁ ସେହି ଜାତି ଅଲ୍ଲାଃତାଲାଙ୍କ ସିଂହାସନରେ ଜଣେ ବ୍ୟକ୍ତିକୁ ଆସନିତ (ବସାଇ ଦେଇଛନ୍ତି) କରିଛନ୍ତି। ସେଇଥି ପାଇଁ ଈଶ୍ୱର ସେମାନଙ୍କୁ ବିପତ୍ତିରେ ପକାଉଛନ୍ତି ଏବଂ ସେମାନଙ୍କର ପରୀକ୍ଷା ନେଉଛନ୍ତି । ଅର୍ଥାତ୍ ଇଂରେଜମାନେ ହ. ଇସା ଅ.ସଙ୍କୁ ଈଶ୍ୱର ବୋଲି ମନେକରିଛନ୍ତି । ଅତଏବ୍ ଏମାନେ ବିପତ୍ତି ଓ ପରୀକ୍ଷାଗ୍ରସ୍ତ ଅଟନ୍ତି । ସେମାନଙ୍କ ନିମନ୍ତେ ଦୁଆ ବଡ଼ ହୋଇଯାଇଛି ।"

ହ. ମୁସଲେହ୍ ମଉଦ୍ ର.ଅ ପୁନଶ୍ଚ ସନ୍ଦେଶମାନଙ୍କ ସଂପର୍କରେ ଚର୍ଚ୍ଚ କରିଛନ୍ତି। ଅର୍ଥାତ୍ "ପୈଗାମୀମାନେ ଯଦି ଉକ୍ତ କଥାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି ତେବେ ସେମାନେ ଅବଶ୍ୟ ପ୍ରତ୍ୟାଖ୍ୟାନ ଏବଂ ଅସ୍ୱୀକାର କରନ୍ତୁ । ଅର୍ଥାତ୍ ହ. ମୁସଲେହ୍ ମଉଦ୍ ର.ଅ ଯେଉଁ ଦୃଷ୍ଟିକୋଣ ପ୍ରଦାନ କରିଛନ୍ତି ସେହି ଦୃଷ୍ଟିକୋଣ ତଥା ପ୍ରସଙ୍ଗ ବିପରୀତ ପୈଗାମୀମାନଙ୍କର ଚିନ୍ତାଧାରା ରହିଛି । ସେ ଯାହା ହେଉ ଆପଣ ର.ଅ କୁହନ୍ତି : "ହ. ମସିହ୍ ମଉଦ୍ ଅ.ସ ସେମାନଙ୍କ ସଂକ୍ରାନ୍ତରେ ଦୁଆ କରିଛନ୍ତି । ସେହି ଦୁଆ ସ୍ୱୀକୃତ ହେବାରେ ଯେଉଁ ବାଧା ବା ବିଘ୍ନ ରହିଛି ତାହା ସେମାନଙ୍କର ସିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ହିଁ ଅଟେ । ଯଦି ଉକ୍ତ ବାଧାକୁ ଆଂଶିକ କିମ୍ବା ପୂର୍ଣ୍ଣ ରୂପେ ଦୂର କରିଦିଆଯାଏ ତେବେ ଦୁଆ ତୁରନ୍ତ ସ୍ୱୀକୃତ ହେବ । ମୁଁ ଏପରି ଅନେକ ସ୍ୱପ୍ନ ଦେଖିଛି ଯେ, ମୋର ଦୁଆ ବଳରେ ସେମାନଙ୍କର ବିପତ୍ତି ଅପସରି ଯିବ କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ ମୁଁ ଯେଉଁ ଦୁଆ କରେ ତାହା ଅବଶ୍ୟ ସ୍ୱୀକୃତ ହୋଇଥାଏ । ଯଦି ମୋ ନିୟନ୍ତ୍ରଣ ବା ଆୟତ୍ତରେ ଉକ୍ତ କଥା ଥାଆନ୍ତା ତେବେ ମୁଁ ସେ ଦୁଃଖ କଷ୍ଟକୁ ହିଁ କାହିଁକି ଅପସାରଣ କରି ନଦିଅନ୍ତି ଯେଉଁ ଦୁଃଖ ସ୍ୱୟଂ ଆମ (ମୋ) ଉପରେ ଅବତୀର୍ଣ୍ଣ ହୋଇଥାଏ । ପବିତ୍ର କୁରଆନ୍ କରୀମ୍ରେ ଉଲ୍ଲେଖ ରହିଛି ଯେ, ଅବିଶ୍ୱାସକାରୀମାନେ ଆଁହଜରତ ସ.ଅଙ୍କୁ କହୁଥିଲେ ଯେ, ଯଦି ତୁମେମାନେ ଅଲ୍ଲାଃତାଲାଙ୍କର ଏତେ ପ୍ରିୟପାତ୍ର ତେବେ ତୁମେମାନଙ୍କର ଅମକ କାମ କାହିଁକି ସମ୍ପାଦନ ହୋଇଯାଉ ନାହିଁ । କିନ୍ତୁ ଅଲ୍ଲାଃତାଲା କୁହନ୍ତି ଯେ, ହେ ମୁହମ୍ମଦ ସ.ଅ! ତୁମ୍ଭେ ସେମାନଙ୍କୁ କହିଦିଅ କି ମୋ ଆୟତ୍ତରେ ଯଦି ଉକ୍ତ ପ୍ରସଙ୍ଗଟି ଥାଆନ୍ତା ତେବେ ମୁଁ ସମସ୍ତ ପୁଣ୍ୟ ଏବଂ ସମସ୍ତ କଲ୍ୟାଣ ନିଜ ପାଇଁ ଏକତ୍ରିତ କରିନେଇ ନିଅନ୍ତି ନାହିଁ ? "

ଯଦି ଆଁହଜରତ ସ.ଅଙ୍କର ଏହି ପନ୍ଥା ନଥିଲା ଯେ, ଆପଣ ସ.ଅଙ୍କର ପ୍ରତ୍ୟେକ ଦୁଆ ସ୍ୱୀକୃତ ହେଉ ତେବେ ମୋ ନିମନ୍ତେ କାହିଁକି ବା ଦୁଆ ସ୍ୱୀକୃତ ହଇଥାଆନ୍ତା ? ଯଦି ଆଁହଜରତ ସ.ଅଙ୍କ ନିମନ୍ତେ ଉକ୍ତ ନିୟମ ଥିଲା ଯେ, ଅଲ୍ଲାଃତାଲା ଯେତେବେଳେ ଦୁଆ ସ୍ୱୀକୃତ କରିବା ନିମନ୍ତେ ପ୍ରସ୍ତୁତ ହେଲେ ଓ କୌଣସି ନିଦର୍ଶନ ମାଧ୍ୟମରେ ଆପଣ ସ.ଅଙ୍କ ସମ୍ମାନ ତଥା ପ୍ରତିଷ୍ଠା ସ୍ଥାପନ କରିବାକୁ ଚାହିଁଲେ ସେତେବେଳେ ସେ ଅବଶ୍ୟ ଦୁଆକୁ ସ୍ୱୀକାର କରିନେଇ ଥାଆନ୍ତେ । ତେବେ ମୋ ପାଇଁ ହେଉ ଅବା ଅନ୍ୟ ପାଇଁ ହେଉ ଏହା ନିୟମ ବିରୁଦ୍ଧୀୟ କିପରି ସମ୍ଭବପର ଅବା ସାବ୍ୟସ୍ତ ହୋଇପାରି ଥାଆନ୍ତା ? ମୁଁ ଉକ୍ତ କଥା ସ୍ୱୀକାର କରେ ଯେ, ଇଂରେଜମାନଙ୍କ ଉପରେ (ସାମର୍ଥ୍ୟରେ) ଉକ୍ତ କଥା ରହିଛି । ସେମାନେ ଯଦି ଚାହିଁବେ ତେବେ ଆମକୁ ଫାଶୀ ଦେଇଦେବେ କିମ୍ବା ଗିରଫ କରି କାରାବରଣ ଦଣ୍ଡ ଦେବେ । କିନ୍ତୁ ସେମାନେ ବର୍ତ୍ତମାନ ଶତ୍ରୁ ବିପକ୍ଷରେ ଦୁର୍ବଳ ବୋଲି ପ୍ରତିତ ହେଉଛନ୍ତି। ବିଶ୍ୱଯୁଦ୍ଧରେ ସେତେବେଳେ ସେମାନଙ୍କର ଏଭଳି ଦୁରାବସ୍ଥା ଏବଂ ଶୋଚନୀୟ ଅବସ୍ଥା ରହିଥିଲା। କିନ୍ତୁ ଏସବୁ ସତ୍ତ୍ୱେ ମୋର ଏହା ଦାବି ରହିଛି ଯେ, ମୋ ଦୁଆରୁ ସେମାନଙ୍କର ସମସ୍ୟା ଦୂରିଭୂତ ହୋଇପାରିବ । କାରଣ ଇଂରେଜମାନଙ୍କର ଆମ ଜୀବନ ଉପରେ ଯେଉଁ ଅଧିକାର ରହିଛି ତାହା ନିୟମାନୁଯାୟୀ ଅଟେ । ଏଥି ସଂକ୍ରାନ୍ତରେ ଦୁଆର ସ୍ୱୀକୃତ ହେବାର ଅନ୍ୟ ଏକ ଆଇନ ବା ନିୟମ ଅନ୍ତର୍ଗତ ଅଟେ ।

ଇରାନ୍ର ସମ୍ରାଟ୍ ଆଁହଜରତ ସ.ଅଙ୍କୁ ଧରିବା ନିମନ୍ତେ ଇଚ୍ଛା ପ୍ରକାଶ କରିଥିଲା। କିନ୍ତୁ ବର୍ତ୍ତମାନ ସମ୍ରାଟ୍ର ସିପାହୀମାନେ ଆଁହଜରତ ସ.ଅଙ୍କୁ ଧରିବାକୁ ଆସି ନଥିଲେ କି କେବଳ ସନ୍ଦେଶ ନେଇ ୟମନ୍ର ଗଭର୍ଣ୍ଣର ପହଞ୍ଚି ଥିଲା । କିନ୍ତୁ ଆପଣ ସ.ଅ ସେମାନଙ୍କୁ କହିଲେ, ଯେ, ଯାଅ ନିଜର ମୁନିବ୍ ତଥା ସମ୍ରାଟଙ୍କୁ କହିଦିଅ କି ମୁଁ ଯିବି ନାହିଁ । **(ଅବଶିଷ୍ଟାଂଶ... ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan